

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୩ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 13 JUNE 2021

Vol.No. 32 ■ No. 150 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୩ ଜିଲ୍ଲାରେ ହେବ ସେରୋ ସର୍ଭେ

ଭୁବନେଶ୍ୱର,୧୨/୦୬(ନି.ପ୍ର): ଓଡିଶାର ୩ ଜିଲ୍ଲାରେ ସେରୋ ସର୍ଭେ କରାଯିବ। ରାୟଗଡା, ଗଂଜାମ ଓ କୋରାପୁଟ ଜିଲ୍ଲାରେ ନ୍ୟାସନାଲ ସେରୋସର୍ଭେ କରାଯିବ ବୋଲି ଆରଏମଆରସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସୂଚନା ଦେଇଛନ୍ତି। ଆସନ୍ତା ଜୁନ୍ ୧୬ କିମ୍ବା ୧୭ରୁ ଆରମ୍ଭ ହୋଇ ଜୁନ୍ ୨୨ରୁ ୨୪ ତାରିଖ ସୁଦ୍ଧା ସର୍ଭେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥର ସେରୋ ସର୍ଭେରେ ୬ ବର୍ଷ ବୟସରୁ ଉର୍ଦ୍ଧ୍ୱ ପିଲାଙ୍କୁ ସାମିଲ କରାଯିବ। ଓଡିଶା ସରକାରଙ୍କ ଲଜିଷ୍ଟିକ୍ ସପୋର୍ଟରେ ଆରଏମଆରସି ଏହି ସର୍ଭେ କରିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରତି ଜିଲ୍ଲାକୁ ୧୦ଟି ଲେଖାଏଁ କ୍ଲଷ୍ଟର କରାଯିବ। ଓଡିଶା ସମେତ ଦେଶର ମୋଟ ୭୦ ଟି ଜିଲ୍ଲାରେ ଚତୁର୍ଥ ପର୍ଯ୍ୟାୟରେ ସେରୋ ସର୍ଭେ କରାଯିବ ବୋଲି ଡା. ପତି କହିଛନ୍ତି।

ଆତଙ୍କବାଦୀଙ୍କ ଆକ୍ରମଣ : ୨ ପୋଲିସକର୍ମୀ ଶହିଦ, ୨ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ

ଜମ୍ମୁ-କାଶ୍ମୀର,୧୨/୦୬: ଜମ୍ମୁ-କାଶ୍ମୀରର ସୋପୋର ଗେଟ୍ ନିକଟରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ୨ ଜଣ ପୋଲିସକର୍ମୀ ଶହିଦ ହୋଇଥିବା ବେଳେ ୨ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି । ସୋପୋର ଅରମାପୋରା ଠାରେ ଆତଙ୍କବାଦୀମାନେ ପୋଲିସ ଓ ସିଆରପିଏଫର ସଂଯୁକ୍ତ ଟିମ୍ ଉପରେ ଆକ୍ରମଣ କରିଥିଲେ । ଏଥିରେ ମୋଟ ୩ ଜଣଙ୍କର ମୃତ୍ୟୁ ହୋଇଛି । ସୋପୋରା ଅରମପୋରା ନିକଟରେ ଶନିବାରଦିନ ପୋଲିସ ଓ ସିଆରପିଏଫ୍ ଯବାନଙ୍କ ମିଳିତ ଭାବେ ଗେଟ୍ ନିକଟରେ ସୁରକ୍ଷା ବ୍ୟବସ୍ଥାକୁ ଜଗିଥିବା ବେଳେ ହଠାତ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ । ଉଭୟ ପକ୍ଷରୁ ଗୁଳିବିନିମୟ ହୋଇଥିଲା ।

କୋଭିଡ୍ ମୃତ୍ୟୁ ତଥ୍ୟକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଲା କଂଗ୍ରେସ

ଭୁବନେଶ୍ୱର,୧୨/୦୬(ନି.ପ୍ର): ସରକାରଙ୍କ ତଥ୍ୟକୁ ମିଛ କହିବା ସହ ମଶାଣି ରିପୋର୍ଟ ଦେଖାଇଛି । ସମ୍ବାଦିକ ସମ୍ମଳନୀ କରି କଂଗ୍ରେସ କହିଛି, କୋଭିଡ ମୃତ୍ୟୁକୁ ନେଇ କିଏ ସତ କହୁଛି । ମଶାଣି ରିପୋର୍ଟ ଓ ସରକାରୀ ରିପୋଟରେ ତାଳମେଳ ରହୁନାହିଁ । ରାଜ୍ୟ ସରକାର ଭ୍ରମାତ୍ମକ ତଥ୍ୟ ଦେଇ ବିଭ୍ରାନ୍ତ କରୁଛନ୍ତି । ତେଣୁ ରାଜ୍ୟବାସୀଙ୍କୁ କରୋନା ମୃତ୍ୟୁ ନେଇ ସଠିକ୍ ତଥ୍ୟ ଦିଅନ୍ତୁ । କରୋନା ମୃତ୍ୟୁକୁ ସରକାର ଲୁଚାଉଥିବା ବାରମ୍ବାର ଅଭିଯୋଗ ହେଉଛି । ଏପରିକି କେତେକ ଜିଲ୍ଲା ପ୍ରଶାସନର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାଳମେଳ ରହୁ ନଥିବାରୁ ପ୍ରକୃତରେ କରୋନାରେ କେତେ ଜଣଙ୍କର ମୃତ୍ୟୁ ହୋଇଛି ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି ।

ଜିଲ୍ଲାରେ କମୁଛି ସଂକ୍ରମଣ ହାର

ଅନଲକ୍ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସୂଚନା : ଖୁବ୍ ଶୀଘ୍ର ନିଆଯିବ ନିଷ୍ପତ୍ତି

ଭୁବନେଶ୍ୱର,୧୨/୦୬(ନି.ପ୍ର): ଆକ୍ରାନ୍ତଙ୍କ ସଂଖ୍ୟା କମୁଛି । ଏଥରକ ଧିରେ ଧିରେ ଅନଲକ୍ ଆମ ପାଇଁ ଭଲ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଅନ୍ୟ ରାଜ୍ୟମାନେ ଏହି ପନ୍ଥା ଅବଲମ୍ବନ କରିଛନ୍ତି । କିଛି କଟକଣା କୋହଳ ହେବ । କିଛି କଟକଣା ପୂର୍ବ ପରି ବଳବତର ରହିବ । ଅନଲକ୍ ପାଇଁ ସରକାର ସବୁ ଦିଗରୁ ବିଚାର ବିମର୍ଶ କରି ନିଷ୍ପତ୍ତି ନେଉଛନ୍ତି । ସମସ୍ତ ଜିଲ୍ଲା ଗୁଡ଼ିକୁ ତିନୋଟି ଜେନରେ ବିଭକ୍ତ କରାଯାଇ ଆମେ ସ୍ଥିତି ଉପରେ ନଜର ରଖିଛୁ । ୧୭ ପରେ କ'ଣ

ହେବ ସେ ନେଇ ଖୁବ୍ ଶୀଘ୍ର ବୈଠକ ଡ଼ାକି ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । କଟକ, ଅନୁଗୁଳ, ଖୋର୍ଦ୍ଧା, ଯାଜପୁର ଭଳି କିଛି ଜିଲ୍ଲାରେ ଏବେ ସଂକ୍ରମଣ ହାର କମୁଛି । ମୃତ୍ୟୁ ସଂଖ୍ୟା ବଢିବାର ଦୁଇଟି କାରଣ ରହିଛି । ପୂର୍ବ କେସ ଲୋଡ଼ ଏବଂ ବର୍ତମାନ କିଛି ଲୋକ ଗୁରୁତର ଥିବା ଯୋଗୁଁ ମୃତ୍ୟୁ ସଂଖ୍ୟା ବଢୁଛି ବୋଲି କହିଛନ୍ତି ବିଜୟ ମହାପାତ୍ର ।

୬ ମାସ ପରେ ଜେଲରୁ ମୁକୁଳିଲେ ପ୍ରଦୀପ ପାଣିଗ୍ରାହୀ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ଜେଲରୁ ମୁକୁଳିଛନ୍ତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ। ଦୀର୍ଘ ୬ ମାସ ଜେଲ୍ ରେ ରହିବା ପରେ ଶନିବାର ଅପରାହ୍ନରେ ଭୁବନେଶ୍ୱର ଝାରପଡା ଜେଲ୍ ରୁ ବାହାରିଛନ୍ତି ପ୍ରଦୀପ । ଗତକାଲି ପ୍ରଦୀପ ପାଣିଗ୍ରାହୀ ଷଷ୍ଠ ମାମଲାରେ ହାଇକୋର୍ଟରୁ ଜାମିନ ପାଇଥିଲେ। ଟାଟା କମ୍ପାନୀରେ ଚାକିରୀ ନାଁରେ ଠକେଇ ଅଭିଯୋଗରେ ଡିସେମ୍ବର ମାସରୁ ଗିରଫ ହୋଇ ଜେଲରେ ଥିଲେ ପ୍ରଦୀପ। ଉଲ୍ଲେଖ୍ୟଯୋଗ୍ୟ ଯେ ଶୁକ୍ରବାର ଷଷ୍ଠ ମାମଲାରେ ହାଇକୋର୍ଟ ତାଙ୍କୁ ସର୍ତମୂଳକ ଜାମିନ ପ୍ରଦାନ କରିଥିଲେ। ୨ ଲକ୍ଷ ଟଙ୍କା ଲେଖାଏଁ ୨ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟ ପ୍ରଦୀପଙ୍କୁ ଜାମିନ

ପ୍ରଦାନ କରିଥିଲେ। ତା'ସହିତ ନିମ୍ନ କୋର୍ଟରେ ୨ ଲକ୍ଷ ଟଙ୍କା ଜମା କରିବାକୁ ହାଇକୋର୍ଟଙ୍କ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଗଣମାଧ୍ୟମରେ କୌଣସି ବିବୃତି ନଦେବାକୁ ତଥା ସାକ୍ଷୀମାନଙ୍କୁ ଧମକଚମକ ନଦେବାକୁ ସର୍ତ ରଖିଥିଲେ କୋର୍ଟ। ପୂର୍ବରୁ ୫ଟି ମାମଲାରେ ତାଙ୍କୁ ଜାମିନ ମିଳିଥିଲା। ଭାବି ଜ୍ୱାଇଁ ଆକାଶ ପାଠକଙ୍କ ଜରିଆରେ ଟାଟା କମ୍ପାନୀରେ ଚାକିରି ▶▶ପୃଷ୍ଠା ୭

ବାପାର ନୃଶଂସ କାଣ୍ଡ : ତିନି ବର୍ଷର ଝିଅକୁ ହତ୍ୟା, ଆଉ ୪ ଜଣଙ୍କୁ କଲା ଗୁରୁତର

ଭୁବନେଶ୍ୱର,୧୨/୦୬(ନି.ପ୍ର): ପିଶାଚ ବାପାର ନୃଶଂସ କାଣ୍ଡ । ଫାର୍ସାରେ ହାଣି ତିନି ବର୍ଷର ଝିଅକୁ ହତ୍ୟା କରିଛି ନୃଶଂସ ବାପା । ଏଥିସହ ଆଉ ୩ ଝିଅ ଓ ପତ୍ନୀଙ୍କୁ ବି ଆକ୍ରମଣ କରିଥିଲା ଏହି ଅମିଣଷ । ଗୁରୁତରମାନଙ୍କୁ ଗଡପୋଷ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏଭଳି ଏକ ଲୋକଟାଙ୍କୁରା ହତ୍ୟାକାଣ୍ଡ ଘଟିଛି ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅଧିନ ଯୌତୁକବାହାଲ ଗାଁରେ । ହତ୍ୟାକାଣ୍ଡ ଘଟାଇବା ପରେ ଏଭଳି କାଣ୍ଡ ଘଟାଇଥିବା ବାପା ସୁଖୁ ଓରାମ ନିଜେ ମଧ୍ୟ ବେକ କାଟି ଦେଇଛି । ଖବର ପାଇଁ ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଁଚି ସୁଖୁ ଓରାମଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନେଇଥିବା ଜଣାପଡିଛି । ତେବେ ଏଭଳି କାଣ୍ଡ ଘଟାଇବା ପଛର କାରଣ କଣ ଜଣାପଡିନାହିଁ ।

ଏମ୍‌ପିରେ କୋଭିଡ୍ ହସ୍ପିଟାଲର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ମଧ୍ୟପ୍ରଦେଶ/ଭୁବନେଶ୍ୱର,୧୨/୦୬ (ନି.ପ୍ର): ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ସାଗର ବୀନା ଠାରେ ବିପିସିଏଲର ବୀନା ରିଫାଇନାରୀ ନିକଟରେ ନବନିର୍ମିତ ୨୦୦ ଅକ୍ସିଜେନ୍ ସୁବିଧା ଥିବା ଶଯ୍ୟା ବିଶିଷ୍ଟ ଅସ୍ଥାୟୀ କୋଭିଡ୍ ହସ୍ପିଟାଲର ଲୋକାର୍ପଣ ସହ ଟିକାକରଣ ଅଭିଯାନର ଶୁଭାରମ୍ଭ ଏବଂ ଅକ୍ସିଜେନ୍ ବଟଲିଂ ପ୍ଲାଂଟ୍‌ର ଶିଳନ୍ୟାସ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେକୋଭିଡ଼ର ସମ୍ଭାବ୍ୟ ତୃତୀୟ ଲହର ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ବୀନା ରିଫାଇନାରୀ ନିକଟରେ ଲୋକାର୍ପିତ ଅକ୍ସିଜେନ୍

ସୁବିଧା ସହ ୨୦୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ କୋଭିଡ୍ ହସ୍ପିଟାଲ ସ୍ଥାନୀୟ କୋଭିଡ୍ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବାରେ ସହାୟକ ହେବ। ସେହିପରି ଶିଳାନ୍ୟାସ ହୋଇ ଯାଇଥିବା ଅକ୍ସିଜେନ୍ ବଟଲିଂ ପ୍ଲାଂଟ୍ କାର୍ଯ୍ୟକ୍ଷମ ହେଲେ ଏହି ପ୍ଲାଂଟରୁ ପ୍ରତିଦିନ ୨୫୦୦ ରୁ ୩୦୦୦ ବଡ ବଡ ସିଲିଣ୍ଡର ଅକ୍ସିଜେନ୍ ରିଫିଲିଂ ହୋଇପାରିବ । ଏହା ଦ୍ୱାରା ମଧ୍ୟପ୍ରଦେଶର ଅକ୍ସିଜେନ୍ ଆବଶ୍ୟକତାକୁ ପୂରଣ କରାଯାଇପାରିବ। କୋଭିଡ୍-୧୯ ସଂକଟ ▶▶ପୃଷ୍ଠା ୭

ପଥରରେ ଛେଚି ଛେଚି ଯୁବକଙ୍କୁ ହତ୍ୟା କଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୨/୦୬(ନି.ପ୍ର): ରାଜଧାନୀରେ ପୁଣି ଦେଖିବାକୁ ମିଳିଛି ବୀଭତ୍ସ ହତ୍ୟାକାଣ୍ଡ । ଆଜି ଭୁବନେଶ୍ୱରର ଶିଶୁଭବନରୁ ରାଜମହଲ ଯିବା ରାସ୍ତାରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି ଦୁର୍ବୃତ୍ତ । ଯୁବକଙ୍କୁ ପଥରେ ଛେଚି ଛେଚି ହତ୍ୟା କରାଯିବା ସହିତ ରାସ୍ତା ଉପରେ ▶▶ପୃଷ୍ଠା ୭

ରାଜ୍ୟରେ କମୁଛି ସଂକ୍ରମଣ, ହେଲେ ଚିନ୍ତା ବଢ଼ାଉଛି ଉପକୂଳ

ଭୁବନେଶ୍ୱର,୧୨/୦୬(ନି.ପ୍ର): ତାଲାବନ୍ଦ ବନ୍ଦ ଅବଧି ସରି ଆସୁଥିବା ଉପକୂଳ ଓଡ଼ିଶାର ଅଧିକାଂଶ ଜିଲ୍ଲା ଏବେ ବି ରେଡ୍ ଜୋନ୍ ଭିତରେ ରହିଛି । ଏହା ଜିଲ୍ଲାରେ ପିଜିଟିଭ୍ ହାର ମଧ୍ୟ ଆଶ୍ୱସ୍ତିକର ନୁହେଁ । ଯାଜପୁରରେ ୧୯.୪୮%, ପୁରୀରେ ୧୪.୩୫%, କେନ୍ଦ୍ରାପଡ଼ାରେ ୧୨.୫୯% ଖୋର୍ଦ୍ଧାରେ ୧୧.୫୧%, କଟକରେ ୧୧.୩୧%, ଜଗତସିଂହପୁରରେ ୧୦.୭୫%, ଭଦ୍ରକରେ ୧୦.୬୧%, ଢେଙ୍କାନାଳରେ ୯% ରହିଛି ସଂକ୍ରମଣର ସଂଖ୍ୟା । ରାଜ୍ୟରେ ସଂକ୍ରମଣ କମୁଛି ସତ, କିନ୍ତୁ ଉପକୂଳ ଓଡ଼ିଶାରେ ଏହା ସନ୍ତୋଷଜନକ ନୁହେଁ । କାରଣ, ଅଧିକାଂଶ ଜିଲ୍ଲାରେ ସଂକ୍ରମଣ ହାର ଏବେ ବି ୧୦% ଉପରେ ରହିଛି । ତେଣୁ ଏଭଳି ସ୍ଥିତିରେ କଟକଣା କୋହଳ ନେଇ ନିଷ୍ପତ୍ତି ନେବା ହୁଏତ ସଂଭବ ନୁହେଁ । ୫%ରୁ କମ୍ ସଂକ୍ରମଣ ଜିଲ୍ଲାରେ ରାଜ୍ୟ ସରକାର କଟକଣାକୁ ସାମାନ୍ୟ କୋହଳ କରିପାରନ୍ତି । କାରଣ, ଏଥରକ ଧିରେ ଧିରେ ଅନଲକ୍ ପ୍ରକ୍ରିୟା କରିବା ଦିଗରେ ବିଚାର କରୁଛନ୍ତି ରାଜ୍ୟ ସରକାର । ଏକାଥରକରେ ସଂପୂର୍ଣ୍ଣ ଅନଲକ୍ ବଦଳରେ ପର୍ଯ୍ୟାୟକ୍ରମେ ଅନଲକ୍ କରିବା ସମର୍ଥନରେ ବିଶେଷଜ୍ଞ ଡାକ୍ତର ମଧ୍ୟ ମତ ରଖିଛନ୍ତି । ୧୭ ତାରିଖ ବେଳକୁ ରାଜ୍ୟରେ ସଂକ୍ରମଣ ହାର ଆହୁରି କମି ଯାଇଥିବ । ତେବେ ପର୍ଯ୍ୟାୟ କ୍ରମେ ଅନଲକ୍ ନକଲେ ସଂକ୍ରମଣ ବଢ଼ିବାର ଭୟ ରହିଛି ବୋଲି ଡାକ୍ତର ନିରଜ ମିଶ୍ର କହିଛନ୍ତି । ଏସବୁ ଭିତରେ ରାଜ୍ୟରେ କରୋନା ମୃତ୍ୟୁର ଏକ ଅଲୋଡ଼ା ରେକର୍ଡ ସୃଷ୍ଟି ହୋଇଛି । ଗୋଟିଏ ଦିନରେ ସର୍ବାଧିକ ୪୭ ଜଣଙ୍କ ମୃତ୍ୟୁ ହୋଇଛି । ଏପଟେ ୪ ହଜାର ୮୫୨ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ପଜିଟିଭ ହାର ୭.୨୨% ରହିଛି ।

ଚଳିତବର୍ଷ ହୋଇପାରେ ୟୁଜି ପିଜି ପରୀକ୍ଷା

ଆସନ୍ତା ୧୮ ତାରିଖରେ ଚୂଡ଼ାନ୍ତ ନିଷ୍ପତ୍ତି

ଭୁବନେଶ୍ୱର,୧୨/୦୬ (ନି.ପ୍ର): ଚଳିତବର୍ଷ ହୋଇପାରେ ୟୁଜି ପିଜି ପରୀକ୍ଷା । ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିମାନଙ୍କ ସହ ଆଲୋଚନା କରିବା ପରେ ଏହି ସୂଚନା ଦେଇଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ । ତେବେ ପରୀକ୍ଷା ହେବ ନା ନାହିଁ ଏହାର ଚୂଡ଼ାନ୍ତ ନିଷ୍ପତ୍ତି ଆସନ୍ତା ୧୮ ତାରିଖରେ ନିଆଯିବ । ଏହି ୭ ଦିନ ଭିତରେ କୁଳପତିମାନେ ସେମାନଙ୍କ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ସରକାରଙ୍କୁ ଜଣାଇବ । ଆଜି ବିଭିନ୍ନ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ୟୁଜି ଓ ପିଜି ପରୀକ୍ଷା ନେଇ ଆଲୋଚନା କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ । ଗତବର୍ଷ ପରୀକ୍ଷାକୁ

ନେଇ ଆଲୋଚନା ହୋଇଛି । ଅନେକ ରାଜ୍ୟ ସରକାର ପରୀକ୍ଷା ବାତିଲ କରିଥିବା ବେଳେ ଓଡ଼ିଶା ସରକାର ପରୀକ୍ଷା କରିଥିଲେ ବୋଲି କହିଛନ୍ତି ମନ୍ତ୍ରୀ ଅରୁଣ ସାହୁ । ମହାମାରୀ ଯୋଗୁଁ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ଥିବାରୁ ଅନଲାଇନ ପାଠପଢ଼ା ଚାଲିଛି । ଜୁନ ସୁଦ୍ଧା ସମସ୍ତ କୋର୍ସ ଶେଷ ହୋଇଯିବ । କୋର୍ସ ଶେଷ ହେବା ସହ ପରୀକ୍ଷା କରାଇବା ଦିଗରେ ସମସ୍ତ କଲେଜର ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ମତାମତ ନେବେ କୁଳପତି । ପରୀକ୍ଷା ସଂକ୍ରାନ୍ତରେ ପିଲାମାନଙ୍କ ସହ ଆଲୋଚନା କରିବା ପରେ ସରକାରଙ୍କୁ ଜଣାଇବେ ଏବଂ ସରକାର ଆଗାମୀ ୧୮ ତାରିଖରେ ଏ ଦିଗରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ।

ବ୍ଲାକ ଫଙ୍ଗସ୍ ଔଷଧ ଉପରେ ଟ୍ୟାକ୍ସ ଛାଡ, କରୋନା ଟିକା ଉପରେ ଜାରି ରହିଲା ୫ ପ୍ରତିଶତ ଟ୍ୟାକ୍ସ

ଭୁବନେଶ୍ୱର,୧୨/୦୬(ନି.ପ୍ର): କରୋନା ସହ ଜଡିତ ସାମଗ୍ରୀ ଉପରେ ମନ୍ତ୍ରୀ ସମୁହ କରିଥିବା ସୁପାରିଶକୁ ଆଜି ଜିଏସଟି କାଉଁସିଲ ସ୍ୱୀକାର କରିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସଟି କାଉଁସିଲ ବୈଠକରେ ବ୍ଲାକ ଫଙ୍ଗସ୍ ଔଷଧକୁ ଟ୍ୟାକ୍ସମୁକ୍ତ କରାଯାଇଥିବା ବେଳେ କରୋନା ଟିକା ଉପରେ ପୂର୍ବରୁ ଥିବା ୫ ପ୍ରତିଶତ ଟ୍ୟାକ୍ସକୁ ବଳବତ୍ତର ରଖା ଯାଇଛି । ଏହାସହ କରୋନା ସହିତ ଜଡିତ ଅନ୍ୟକିଛି ସାମଗ୍ରୀ ଉପରେ ଟ୍ୟାକ୍ସ ହ୍ରାସ କରାଯାଇଥିବା ସୂଚନା ମିଳିଛି । ଜିଏସଟି କାଉଁସିଲ କରୋନା ସହିତ

ଜଡିତ ଯେଉଁ ସାମଗ୍ରୀ ଗୁଡିକ ଉପରେ ଟ୍ୟାକ୍ସ ହ୍ରାସ କରିଛି ତାହା ମଧ୍ୟରେ ରହିଛି ମେଡିକାଲ ଗ୍ରେଡ ଅକ୍ସିଜେନ, ଅକ୍ସିଜେନ କନସେଂଟ୍ରେଟର,ଭେଣ୍ଟିଲେଟର, ବାଇପେପ୍ ମେସିନ, ହାଇ ଫ୍ଲୁ ନଜାଲ ଫୁଲଣା ଓ କୋଭିଡ୍ ଟେଷ୍ଟିଂ କିଟ୍ । ଜିଏସଟି କାଉଁସିଲ ଏହିସବୁ ସାମଗ୍ରୀ ଉପରେ ଲାଗୁ ହୋଇଥିବା ୧୨ ପ୍ରତିଶତ ଟ୍ୟାକ୍ସକୁ ହ୍ରାସ କରି ୫ ପ୍ରତିଶତ କରିଛନ୍ତି । ଜିଏସଟି ବ୍ୟବସ୍ଥାରେ ▶▶ପୃଷ୍ଠା ୭

ଓଡିଶା ପୋଲିସ୍ ନିଯୁକ୍ତି ପାଇଁ ଆବେଦନ କରିପାରିବେ କିନ୍ନର

ଭୁବନେଶ୍ୱର,୧୨/୦୬(ନି.ପ୍ର): ଓଡ଼ିଶା ପୋଲିସରେ ନିଯୁକ୍ତି ପାଇପାରିବେ କିନ୍ନର। ଓଡିଶା ପୋଲିସ୍ ପକ୍ଷରୁ ୪୭୭ ସବ୍-ଇନିସପେକ୍ଟର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ୨୪୪ କନେଷ୍ଟବଳ ପଦବୀପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ କିନ୍ନର ମାନେ ମଧ୍ୟ ଆବେଦନ କରିପାରିବେ ବୋଲି ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିକୁ ବିଭିନ୍ନ କିନ୍ନର ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଏହିସବୁ ପଦୀବ ପାଇଁ ଜୁନ୍ ୨୨ ତାରିଖରୁ ଅନଲାଇନରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଆବେଦନ କରିବାର ଶେଷ ତାରିଖ ହେଉଛି ଜୁଲାଇ ୧୫। ସବ୍‌ଇନ୍ସପେକ୍ଟର ପଦବୀ ପାଇଁ ଯେଉଁମାନେ ଆବେଦନ କରିବେ ସେମାନଙ୍କ ବୟସ ୨୧ ବର୍ଷରୁ କମ୍ ହୋଇନଥିବ କି ୧.୧.୨୦୨୧ ସୁଦ୍ଧା ୨୫ ବର୍ଷରୁ ଅଧିକ ହୋଇନଥିବ। ତେବେ ଏସ୍‌ଟି, ଏସ୍‌ସି, ଏସ୍‌ଇବିସି ଓ ମହିଳା ପ୍ରାର୍ଥୀଙ୍କ ପାଇଁ ବୟସ ୫ ବର୍ଷ କୋହଳ ରହିଛି। ସେହିଭଳି କନଷ୍ଟେବଳ (କମ୍ୟୁନିକେସନ) ପଦବୀ ପାଇଁ ଯେଉଁମାନେ ଆବେଦନ କରିବେ ସେମାନଙ୍କ ବୟସ ୧୮ ବର୍ଷରୁ କମ୍ ହୋଇ ନଥିବ ତଥା ୧.୧.୨୦୨୧ ସୁଦ୍ଧା ୨୩ ବର୍ଷରୁ ଅଧିକ ହୋଇନଥିବ। ଏ ସଂପର୍କରେ ସୂଚନା ଦେଇ ଡିଜିପି ଶ୍ରୀ ଅଭୟ କହିଛନ୍ତି, ▶▶ପୃଷ୍ଠା ୭

୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୧୨/୦୬(ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବହୁ ଜିଲ୍ଲାରେ ବର୍ଷା ଲାଗି ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, କେନ୍ଦୁଝର, ମୟୁରଭଂଜ, ମାଲକାନଗିରି, କୋରାପୁଟ , ନବରଙ୍ଗପୁର, କଳାହାଣ୍ଡି, ଢେଙ୍କାନାଳ, ଯାଜପୁର, କଟକ , ଭଦ୍ରକ, ବାଲେଶ୍ୱର ଓ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।ଏହି ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୧୪

ଅହେତୁକ ତୈଳ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ଧାରଣା

ଜଳେଶ୍ୱର,୧୨/୬ (ନି.ପ୍ର): କରୋନା ମହାମାରୀ ଭଳି ଏକ ମହାବିପତ୍ତି ଓ ମାନ୍ଦାବସ୍ଥା ସମୟରେ କ୍ରମାଗତ ତୈଳ ଦର ବୃଦ୍ଧି ସବୁ ବର୍ଗର ଲୋକଙ୍କୁ ପ୍ରଭାବିତ କରିଛି । ଅତ୍ୟାବଶ୍ୟକ ଜିନିଷର ମୂଲ୍ୟବୃଦ୍ଧି ଯୋଗୁଁ ଜୀବନଯାତ୍ରା ଦୁର୍ବିସହ ହୋଇ ପଡିଛି । ଡିଜେଲ ମୂଲ୍ୟବୃଦ୍ଧି ପରିବହନ କ୍ଷେତ୍ରରେ ସିଧାସଳଖ ପ୍ରଭାବ ପରିଲକ୍ଷିତ ହେଉଛି । ଦେଶର ବହୁ ରାଜ୍ୟରେ ପେଟ୍ରୋଲ ଲିଟର ପ୍ରତି ୧୦୦ ଟଙ୍କାରୁ ଉର୍ଦ୍ଧ୍ୱରେ ବିକ୍ରି ହେଉଛି । କେନ୍ଦ୍ର ସରକାରଙ୍କ ଭୁଲ ନିତୀ ଯୋଗୁଁ ଏପରି ମୂଲ୍ୟବୃଦ୍ଧି ଘଟୁଥିବାରୁ ଡିଜେଲ ଓ ପେଟ୍ରୋଲକୁ ଜିଏସ୍‌ଟି ଭୁକ୍ତ କରାଯିବାକୁ କଂଗ୍ରେସପକ୍ଷରୁ ଦାବୀ କରାଯାଇଛି । ଆଜି ଶୁକ୍ରବାର ରାଜ୍ୟ କଂଗ୍ରେସର ଆହ୍ୱାନ କ୍ରମେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ଫିଲିଂ ଷ୍ଟେସନ ସମ୍ମୁଖରେ ସକାଳ ୭ଟାରୁ ୧୧ ଟା ମଧ୍ୟରେ ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର, ସୁଗୋ, ଆମ୍ବଳିଅଠା, ରାଇବଣିଆ, ହାତୀଗଡ, ବର୍ତ୍ତନା, ବରଡିହା ପ୍ରଭୃତିଠାରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଏଥିରେ ଜଗଦୀଶ ନନ୍ଦୀ, ସରପଂଚ ପଦ୍ମଲୋଚନ ବେହେରା, ହେମନ୍ତ ଗିରି, ଗିରିଜା ଶଂକର ଦାସ, ଚିତ୍ତରଂଜନ ପରିଡା, ସୁଶାନ୍ତ ଦେ, ରାଧାରଣୀ ପାତ୍ର, ଗୋପାଳକୃଷ୍ଣ ଜେନା, ସର୍ବେଶ୍ୱର ଦାସ, ସରପଂଚ ସୁଶାନ୍ତ ପ୍ରଧାନ, ରାଜକିଶୋର ଘୋଷ, ବିଜୟ ଦାସ, ଦୀନକୃଷ୍ଣ ପ୍ରଧାନ, ଏସ୍‌କେ ମଡିଆ, କଳାଇ ହୁଇ, ରତିକାନ୍ତ ସିଟ, ମୃଗାଙ୍କ ବସୁ, ପରମେଶ୍ୱର ପ୍ରମାଣିକ, ନବୀନ ପରିଡା, ଗୌରାଙ୍ଗ ମହାପାତ୍ର, ନିଖିଳ ସେନାପତି, ପ୍ରାଣବଂଧୁ ଦାସ, ଦୁର୍ଗାଶଂକର ମହାନ୍ତି, ତପନ ମଲ୍ଲିକ, ହରିଶ୍ଚନ୍ଦ୍ର ଦାସ, ସୁରେଶ ମହାନ୍ତି, ଶ୍ରୀକାନ୍ତ ସିଂ, ଦୀପକ ପାତ୍ର, ଆଶୋତୋଷ କାସ୍ତ, ଦାବା ନନ୍ଦୀ ପ୍ରମୁଖ ଧାରଣ ଦେଇଥିଲେ । ରାଜ୍ୟ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ଓ ବାଲେଶ୍ୱରର ନେତା ନବଜ୍ୟୋତି ପଟ୍ଟନାୟକ ସମସ୍ତ ବିକ୍ଷୋଭକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

କଳା ବ୍ୟାଚ ପିନ୍ଧି କାର୍ଯ୍ୟ କଲେ ଫାର୍ମାସିଷ୍ଟ

ମାଲକାନଗିରି,୧୨/୬ (ନି.ପ୍ର): କରୋନା ମହାମାରୀ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟମାନେ ନିଜର ଜୀବନକୁ ବାଜି ଲଗାଇ ଦିନ ରାତି ମେଡିକାଲରେ କାର୍ଯ୍ୟ କରୁଥିଲେ ସୁଦ୍ଧା ସରକାର ସେମାନଙ୍କୁ ଅଣଦେଖା କରୁଥିବା ନେଇ ରାଜ୍ୟ ଫାର୍ମାସିଷ୍ଟ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ରାଜ୍ୟ ଫାର୍ମାସିଷ୍ଟ ସେବା ସଂଘର ବିଭିନ୍ନ ଦାବି ପୁରଣକୁ ନେଇ ସଂଘ କଳା ବ୍ୟାଜ ପିନ୍ଧି ନିଜ ଦାବି ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ମାଲକାନଗିରି ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ତଥା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି କ୍ଷ ମିଳିଥିବା ସୂଚନା ଅନୁସାରେ ଗତକାଲି ଠାରୁ ରାଜ୍ୟ ଫାର୍ମାସିଷ୍ଟ ସେବା ସଂଘର ଆହ୍ୱାନ କ୍ରମେ ମାଲକାନଗିରି ଜିଲ୍ଲାର ସମସ୍ତ ଫାର୍ମାସିଷ୍ଟ ମାନେ କଳା ବ୍ୟାଜ ପରିଧାନ କରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । କୋଭିଡରେ ମୃତ୍ୟୁ ବରଣ କରିଥିବା ଫାର୍ମାସିଷ୍ଟ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ, ଖାଲି ପଡିଥିବା ପଦବୀ ପୂରଣ କରିବା, ଦରମା କ୍ଷେତ୍ରରେ ଥିବା ଅସଂଗତି ଦୂର କରିବା,ପଦୋନ୍ନତି ପାଇବାକୁ ଯୋଗ୍ୟ ଥିବା ଫାର୍ମାସିଷ୍ଟମାନଙ୍କୁ ତୁରନ୍ତ ପଦନ୍ନତି ପ୍ରଦାନ କରିବା ଇତ୍ୟାଦି ଦାବି ପୂରଣ ନେଇ ଗତକାଲି ଠାରୁ ସମସ୍ତେ କଳା ବ୍ୟାଜ ପିନ୍ଧିଛନ୍ତି । ଯଦି ସେମାନଙ୍କ ଦାବି ପୂରଣ ନ ହୁଏ ତେବେ ଚଳିତ ମାସ ୨୦ ତାରିଖ ଠାରୁ ଫାର୍ମାସିଷ୍ଟ ମାନେ କେବଳ ଔଷଧ ବିତରଣ ବ୍ୟତୀତ ଅନ୍ୟ କୌଣସି ପ୍ରକାର କାର୍ଯ୍ୟ କରିବେ ନାହିଁ ବୋଲି ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ଜିଲ୍ଲା ସଂଘର ସଭାପତି ସତବୀର ସିଂହ, ଜିଲ୍ଲା ସମ୍ପାଦକ ଅଶୋକ ସାହୁ ଏବଂ କାଲିମେଳା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ମଦନ ମୋହନ ପାଢ଼ୀ ପ୍ରକାଶ କରିଛନ୍ତି ।

ଅଟୋରୁ ଝାମ୍ପି ନେଲେ ଭ୍ୟାନିଟି ବ୍ୟାଗ: ଦୁଇ ଗିରଫ

ପୁରୀ,୧୨/୬ (ନି.ପ୍ର): ବ୍ୟାଟେରୀ ଅଟୋରେ ଯୁବତୀ ଘରକୁ ଫେରୁଥିଲେ । ପଛପଟୁ ସ୍କୁଟିରେ ଦୁଇ ଜଣ ଯୁବକ ତାଙ୍କ ଠାରୁ ଭ୍ୟାନିଟି ବ୍ୟାଗଝାମ୍ପିନେଇଯାଇଥିଲେ । ଆଜି ସି ବିଚ ପୋଲିସ ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ଫେବୃଆରୀ ୭ତାରିଖରେ ପୁରୀସହର ମଧୁବନ ସାହିର କଲ୍ୟାଣୀ ମିଶ୍ର ଓ ତାଙ୍କ ସାଙ୍ଗ ହଲିଡେ ରିସର୍ଟ ହୋଟେଲରୁ ଲଂଚ ଖାଇ ଏକ ବ୍ୟାଟେରୀ ଅଟୋରେ ଫେରୁଥିଲେ । କିଛିବାଟ ଆସିବାପରେ ମେଁଫେୟାର ଛକରେ ପଛପଟୁ ସ୍କୁଟିରେ ଆସି ତାଙ୍କ ଠାରୁ ଭ୍ୟାନିଟି ବ୍ୟାଗ ଝାମ୍ପି ନେଇଥିଲେ । ବ୍ୟାଗରେ ଟଙ୍କା ସହ କାଗଜପତ୍ର ଥିଲା । ଏ ସମ୍ପର୍କରେ କଲ୍ୟାଣୀ ସି ବିଚ ଥାନାରେ ଅଭିଯୋଗ କରିଥିଲେ । ଥାନା ରେ ୩୬/୭.୨.୨୧ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । କୌଣସି ସୂତ୍ରରୁ ଖବର ପାଇ ପୋଲିସ ଦୁଇ ଜଣକୁ ଗିରଫ କରିଛି । ସେମାନେ ହେଲେ କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣର ବାଦଲ ଭୋଇ (୨୦), ଓ ତାର ସହଯୋଗୀ ବୁଦ୍ଧିଆ ନାୟକ (୨୦) । ସେମାନଙ୍କ ଠାରୁ ୧୫ହଜାର ଟଙ୍କା, ଏଟିଏମ କାର୍ଡ, ଆଧାର କାର୍ଡ, ଭୋଟ କାର୍ଡ, ପାନ କାର୍ଡ, ଅପୋ ମୋବାଇଲ ସହ ଚୋରିରେ ବ୍ୟବହୃତ ସ୍କୁଟିକୁ ପୋଲିସ ଜବତ କରିଛି ।

ବିଦ୍ୟୁତ ବିଭାଗର ଅବହେଳା: କରେଂଟ ଲାଗି ୨ ଗୋରୁ ମୃତ୍ୟୁ

କୋରେଇ,୧୨/୬ (ନି.ପ୍ର): ପାଣିକୋଇଲି ବିଦ୍ୟୁତ ବିଭାଗର ମନମୁଖି ଓ ଖାମଖିଆଲି ମନୋମୁଖି କାର୍ଯ୍ୟଯୋଗୁ ଆଜି ୨ଟି ଗୋରୁଙ୍କ ମୃତ୍ୟୁ ହେବା ସହ ଗୋରୁ ଉଠାଇବାକୁ ଯାଇ ତିନି ଜଣ ବ୍ୟକ୍ତି ବିଦ୍ୟୁତ କରେଂଟ ଖାଇ ଆହତ ହୋଇଛନ୍ତି । ପ୍ରକାଶଯେ ପାଣିକୋଇଲି ବାଲିଦାଣ୍ଡ ପୋଖରୀ କୂଳରେ ଥିବା ଟ୍ରାନ୍ସଫରମରଟି ତଳ ଭାଗ ପାଣିରେ ବୁଡିରହିଛି । ଟ୍ରାନସଫରମରରୁ ଯାଇଥିବା ଆରଥିଙ୍ଗ ତାରଟି କୌଣସି କାରଣରୁ ଚାର୍ଯ୍ୟ ହୋଇ ରହିଥିଲା । ଫଳରେ ପାଣିପିଇବାକୁ ପୋଖରିକୁ ଯାଇଥିବା ଗୋରୁ ମୃତ୍ୟୁ ହୋଇଥିଲା । ଏନେଇ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଜଣାଇବା ପରେ ବିଦ୍ୟୁତ ବିଭାଗ ଲାଇନ କାଟି ସେଠାରେ ପହଂଚି ସବୁ ଠିକ ଅଛି କହି ଚାଲି ଆସିଥିଲା । ଲୋକମାନେ ଗାଈଟିକୁ ଉଠାଇ ନେଇଥିଲେ । ମାତ୍ର କିଛି ସମୟ ପରେ ଆଉ ଏକ ଗୋରୁ କରେଂଟ ଯୋଗୁ ମୃତ୍ୟୁବରଣ କରିଥିଲା । ତାକୁ ଉଠାଇବାକୁ ଯାଇ ପାଣିକୋଇଲି ଗ୍ରାମର ମାଧବ ମଳିକ, ନନ୍ଦ ପେରେଇ, ବିଦ୍ୟା ମଳିକ କଂରେଟ ଖାଇ ଆହତ ହୋଇଥିଲେ । ମୃତ ଗୋରୁ ଦୁଇଟି ମଦନ ସ୍ୱାଇଁ ଓ ବିଜୟ ପଣ୍ଡାଙ୍କର ବୋଲି ଜଣାପଡିଛି ।

ସ୍ୱାମୀ ଓମାନନ୍ଦ ବୈଦିକ ଛାତ୍ରାବାସ ଅନ୍ତେବାସୀଙ୍କୁ ବିଏଚପି କନ୍ଧମାଳ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ

କନ୍ଧମାଳ,୧୨/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଜିଲ୍ଲାର କ.ନୂଆଗାଁ ଠାରେ ଥିବା ସ୍ୱାମୀ ଓମାନନ୍ଦ ବୈଦିକ ବିଦ୍ୟାଳୟର ଛାତ୍ରାବାସର ଛାତ୍ର ମାନଙ୍କୁ କୋଭିଡ ସଂକ୍ରମଣ ଯୋଗୁଁ ଜାରି କରାଯାଇଥିବା ଲକଡାଉନ ଅବସରରେ ସହାୟତା ପାଇଁ ସେମାନଙ୍କୁ ସୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । କୋଭିଡ ସଂକ୍ରମଣ ଯୋଗୁଁ ସେଠାକାର ଅଧିକାଂଶ ଛାତ୍ର ମାନେ ସେମାନଙ୍କର ଘରକୁ ଚାଲିଯାଇଥିବା ବେଳେ ସେଠାରେ ବର୍ତମାନ ରହୁଥିବା ସମୁଦାୟ ୧୫ ଜଣ ଛାତ୍ର ଏବଂ ସେବାକାରୀ ମାନଙ୍କୁ ଚାଉଳ, ଆଳୁ, ଡାଲି, ସୋୟାବଡି ସମେତ ଅନ୍ୟାନ୍ୟ ରାସନ ସାମଗ୍ରୀ ସବୁ ବଂଟନ କରାଯାଇଛି । କାର୍ଯ୍ୟକ୍ରମଟି କନ୍ଧମାଳ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ (ବିଏଚପି)ର ଜିଲ୍ଲା ଉପସଭାପତି ସରୋଜ ପଟ୍ଟନାୟକ ନେତୃତ୍ୱରେ ଜିଲ୍ଲା ସହସମ୍ପାଦକ ନିରଞ୍ଜନ ମହାନ୍ତି, କ.ନୂଆଗାଁ ପ୍ରଖଣ୍ଡ ସଭାପତି ସନ୍ତୋଷ ପାଣିଗ୍ରାହୀ, ଫୁଲବାଣୀ ନଗର ସମ୍ପାଦକ ନିରଞ୍ଜନ ପାଣ୍ଡେଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ବିଶ୍ୱ ହିନ୍ଦୁ ପରିଷଦର ଅନ୍ୟାନ୍ୟ କର୍ମକର୍ତାମାନେ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମ ସମସ୍ତ ଜିଲ୍ଲାସ୍ତରୀୟ କର୍ମକର୍ତାଙ୍କ ସହେଯାଗରେ ଆୟୋଜିତ ହୋଇଥିଲା ।

ଯାଜପୁର ଜିଲ୍ଲା ସବଇନ୍ସପେକ୍ଟର ସ୍ତରରେ ୧୯ଜଣଙ୍କ ଅଦଳବଦଳ

କୋରେଇ,୧୨/୬ (ନି.ପ୍ର): ଯାଜପୁର ଜିଲ୍ଲା ପୁଲିସରେ ୧୮ଜଣ ସବଇନ୍ସପେକ୍ଟର ଓ ଜଣେ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟରଙ୍କୁ ଜିଲ୍ଲା ମଧ୍ୟରେ ଗୁରୁବାର ରାତ୍ରୀରେ ଅଦଳବଦଳ କରାଯାଇଛି । ଏନେଇ ଏସପି ରାହୁଲ ପିଆର ପତ୍ର ମାଧ୍ୟମରେ ଥାନାଗୁଡ଼ିକୁ ଅବଗତ କରିବା ସହ ଜିଲ୍ଲା ପ୍ରଶାସନକୁ ସୂଚନା ଦେଇଛନ୍ତି । ଏସଆଇ ହରିଶ ଚନ୍ଦ୍ର ସିଂହଙ୍କୁ ମଙ୍ଗଳପୁର ଥାନରୁ କୋରାଇ ଥାନା, ଘନଶ୍ୟାମ ହେସାଙ୍କୁ ଯାଜପୁର କୋର୍ଟରୁ ଜଖପୁରା ଥାନା, ସୁବ୍ରତ କୁମାର ସାହୁଙ୍କୁ କୋରାଇ ଥାନାରୁ ବୈରୀ ଥାନା, ରାଜେଶ କୁମାର ସେଠୀଙ୍କୁ ଯାଜପୁରରୋଡ଼ ଥାନାରୁ କଳିଙ୍ଗନଗର ଓ ସୁବାସ ମୁଦୁଲିଙ୍କୁ ବଡ଼ଚଣା ଥାନା, ଗୋବର୍ଦ୍ଧନ ନାୟକଙ୍କୁ ଦାନଗଦି ବିଟ ହାଉସରୁ ଛତିଆ ବିଟ ହାଉସ, ସୁଦାମ ନନ୍ଦୀଙ୍କୁ ଧର୍ମଶାଳା ଥାନାରୁ କାଳିଆପାଣି ଥାନା, ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ବଡ଼ଚଣା ଥାନାରୁ ଯାଜପୁରରୋଡ଼ ଥାନା, ଜଗଦୀଶ କରଙ୍କୁ ଛତିଆ ବିଟ ହାଉସରୁ ଯାଜପୁରରୋଡ ଥାନା, ବିଶ୍ୱଜିତ ବିଶ୍ୱାଳଙ୍କୁ ବୈରୀ ଥାନାରୁ ସୁକିନ୍ଦା ଥାନା, ଅଜୟ କୁମାର ସାହୁଙ୍କୁ କଳିଙ୍ଗନଗର ଥାନାରୁ ଦାନଗଦି ବିଟ ହାଉସ, ଅର୍ନ୍ତଜ୍ୟାମୀ ଶ୍ରୀଚନ୍ଦନଙ୍କୁ ସୁକିନ୍ଦା ଥାନାରୁ ମଙ୍ଗଳପୁର ଥାନା, ବିଭୂତି ଭୂଷଣ ମହାପାତ୍ରଙ୍କୁ କାଳିଆପାଣି ଥାନାରୁ ଧର୍ମଶାଳା ଥାନା, ଫିରୋଜ ଏକ୍କାଙ୍କୁ ଜେନାପୁର ଥାନାରୁ ବରୀ ଥାନା, ବାସୁଦେବ ପରିଡ଼ାଙ୍କୁ ଜଖପୁରା ଥାନାରୁ ଜେନାପୁର ଥାନା, ନାରାୟଣ ପ୍ରସାଦ ବେହେରାଙ୍କୁ ବରୀ ଥାନାରୁ ଯାଜପୁରରୋଡ଼ କୋର୍ଟ, ପ୍ରମୋଦ କୁମାର ସାହୁଙ୍କୁ ଧର୍ମଶାଳା ଥାନାରୁ ଡିଆଇବି ଯାଜପୁର, ରାଜକିଶୋର ଦାସଙ୍କୁଜୁଆଖିଆ ଥାନାରୁଝୁଣ୍ଟୁରୀବିଟ ହାଉସ, ଏଏସଆଇ ପ୍ରତାପ ଚନ୍ଦ୍ର ଗଡ଼ନାୟକଙ୍କୁ ବରୀ ଥାନାରୁ ଧର୍ମଶାଳା ଥାନାକୁ ବଦଳି କରାଯାଇଛି।

କୋଟିଏ ଟଙ୍କା ବ୍ୟୟରେ ବାରୁଅଠାରେ ନିର୍ମାଣ ହେବ ମିଶନଶକ୍ତି ଗୃହ

କେନ୍ଦ୍ରାପଡ଼ା,୧୨/୬ (ନି.ପ୍ର): ମହିଳା ସଶକ୍ତିକରଣ ଲକ୍ଷ୍ୟ ହାସଲ ପାଇଁ ମିଶନଶକ୍ତି କୁ ଏକ ସ୍ୱତନ୍ତ୍ର ବିଭାଗ ଭାବେ ମଞ୍ଜୁର କରି ରାଜ୍ୟ ସରକାର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରି ରଖିବାରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ରଖିଛନ୍ତି । ମିଶନଶକ୍ତିର ଏକ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ ଗୃହ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନ ନିରୁପଣ କରାଯାଇ ଥିବା ଜଣାପଡିଛି । ବାରୁଅ ଠାରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ବରାଦରେ ମିଶନଶକ୍ତି ଭବନ ନିର୍ମାଣ ପାଇଁ ସ୍ଥାନ ନିରୁପଣ କରାଯାଇଥିବା ଜଣାପଡିଛି । ଶୁକ୍ରବାର ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତ, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, "ଆର ଆଣ୍ଡ ବି"ର ନିର୍ବାହୀ ଯନ୍ତ୍ରୀ ପ୍ରଦିପ୍ତ ମହାନ୍ତି, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଦାସ ପ୍ରମୁଖ ପ୍ରସ୍ତାବିତ ଯାଗା ନିରୁପଣ କରି ୪୪ ଡିସିମିଲ ଯାଗା ଉପରେ ଭବନ ନିର୍ମାଣ କରିବା ପାଇଁ ସ୍ଥିର କରିଛନ୍ତି ।

ସ୍ୱତନ୍ତ୍ର ଭାବେ ମାଜିଷ୍ଟ୍ରେଟ ଓ ତାଙ୍କ ପରିବାରକୁ କୋଭିଡ ଟିକା ପ୍ରଦାନ

ମାଲକାନଗିରି,୧୨/୬ (ନି.ପ୍ର): ମାଲକାନଗିରି ସଦର ମହକୁମାର ଏସ ଡି ଜେ ଏମ କୋର୍ଟ ପରିସରରେ ଶୁକ୍ରବାର ଦିନ ସ୍ୱତନ୍ତ୍ର ଭାବେ କୋଭିଡ଼-୧୯ ଟୀକା କରଣ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଓ ଦୋରାଜଜ ସୁଶ୍ରୀ ରେଖା ପ୍ରସାଦ, ଅତିରିକ୍ତ ଜିଲ୍ଲା ଓ ଦୋରାଜଜ ମହଲତ ସା, ମୁଖ୍ୟ ବିଚାର ବିଭାଗୀୟଦଣ୍ଡା ଅଧିକାରୀ ବିଶ୍ୱ ରଞ୍ଜନ ବେହେରା, ସବ ଜଜକମଳାକାନ୍ତ ରାଉତ,ଉପ ଖଣ୍ଡିୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଡ଼ଃ ନିଶାକର ସାହୁ, ମାଲକାନଗିରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେଖାରାଣୀ ପଣ୍ଡା, କୋର୍ଟ ପରିଚାଳକ ପ୍ରଣବ କୁମାର ପ୍ରଧାନ ସମେତ ସମସ୍ତ କର୍ମଚାରୀ ଓ ତାଙ୍କ ପରିବାର ଟୀକା ପ୍ରଦାନ କରାଯାଇଥିଲା । ଓଡ଼ି ଶାର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅନୁଯାୟୀ ଆଜି କୋଭିଡ଼ -୧୯ ଟୀକା ଦେବାପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା ।ଏହା ଏକ ଭଲ ପଦକ୍ଷେପ, ଏଠାରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ, କର୍ମଚାରୀ ଓ ପରିବାର ବର୍ଗଙ୍କୁ ଟୀକା ପ୍ରଦାନ କରାଯାଇଛି ।ବର୍ତମାନକରୋନା ସଂକ୍ର ମଣ ବୃଦ୍ଧି ପାଉ ଥିବା ବେଳେ ଟୀକା କରଣ କରାଯାଇଥିବାରୁ ସମସ୍ତଙ୍କୁ କୋର୍ଟ କାମ କରିବାରେ ସହାୟତା ହେବା ସହ ଆତ୍ମବିଶ୍ୱାସର ସହ କାମ କରିପାରିବେ ବୋଲି ରେଜିଷ୍ଟର କୃଷ୍ଣଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ।ଏହି ଅବସରରେ ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଭାକର ପ୍ରଧାନ, ପୂର୍ବତନ ସଭାପତି ନୃସିଂହଚରଣ ମହାନ୍ତି , ଉପ ସଭାପତି ମାନସ ସ୍ୱାଇଁ, ଗୌତମ ସରକାର ସମେତ ବହୁ ଆଇନିଯିବି ଉପସ୍ଥିତ ଥିଲେ ।

ପୋଲ ତଳକୁ ଖସିଲା ମାଛ ଗାଡ଼ି : ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଖଲାସୀ

କୋରେଇ,୧୨/୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋଳେଇପୁର(ହାଟସାହି)ଛକରେ ଗୁରୁବାର ବିଳମ୍ବିତ ରାତ୍ରୀରେ ଏକ ମାଛ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ପୋଲ ତଳକୁ ଖସିଛି । ଚାଳକ ସାମନ୍ୟ ଆହତ ହୋଇଥିବାବେଳେ ଚାଳକ ଓ ଖଲାସୀ ଅଳ୍ପକେ ବର୍ତି ଯାଇଛନ୍ତି । ଘଟଣାସ୍ଥଳେ ପୁଲିସ ପହଂଚି ଚାଳକ ଓ ଖଲାସୀଙ୍କୁ ଚିକିତ୍ସା ପାଇଁ ପଠାଇବାସହ ଘଟଣାର ତଦନ୍ତ କରୁଛି । ପ୍ରକାଶଯେ ଆନ୍ଧ୍ରପ୍ରଦେଶରୁ ମାଛ ନେଇ ବିହାର ଯାଉଥିବା ଏକ ବାରଚକିଆ ଟ୍ରକ(ଏପି ୩୯ଟି ବି ୬୫୫୫) ଭାରସାମ୍ୟ ହରାଇ ଗୋଳେଇପୁର ଛକରେ ଥିବା ଏକ ଛୋଟ ପୋଲର ମଝିକୁ ଖସିପଡ଼ିଥିଲା । ଫଳରେ ଟ୍ରକର ସାମ୍ନା ଉପରକୁ ହୋଇଥିବାବେଳେ ପୋଲ ତଳକୁ ଟ୍ରକର ପଛ ରହିଥିଲା । ଡ୍ରାଇଭର ମୁଣ୍ଡରେ ସାମାନ୍ୟ ଆହତ ହୋଇଥିଲା । ହେଲେ ଚାଳକ ଓ ଖଲାସୀ ଅଳ୍ପକେ ବର୍ତି ଯାଇଥିଲେ । ପୁଲିସ ସେଠାରେ ପହଂଚି ସେମାନଙ୍କୁ ଉଦ୍ଧାର କରିଛି । ସକାଳୁ ସକାଳୁ କିଛି ଲୋକ ପହଂଚି ମାଛ ସଂଗ୍ରହ କରିଥିବା ବେଳେ ଅନ୍ୟ ସବୁ ସୁରକ୍ଷିତ ରହିଛି ।

ବିଜୁ ଯୁବ ଜନତା ଦଳ ଓ ଇଲେଭନ ବୁଲେଟ କ୍ଲବ ଆନୁକୂଲ୍ୟରେ ରକ୍ତଦାନ ଶିବିରରେ ୧୦୪ ୟୁନିଟ୍ ରକ୍ତ ସଂଗୃହୀତ

କେନ୍ଦୁଝର, ୧୧ ଜୁନ (ହି.ସ.) କେନ୍ଦୁଝର ପୁରୁଣା ସହରସ୍ଥିତ ଇଲେଭେନ ବୁଲେଟ କ୍ଲବ ପରିସରରେ ଶୁକ୍ରବାର ଦିନ ଓଡିଶା ମୋ ପରିବାର, ଇଲେଭେନ ବୁଲେଟ୍ସ କ୍ଲବ ଏବଂ କେନ୍ଦୁଝର ଟ୍ରକ ମାଲିକ ସଂଘ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରକୁ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତୀ, ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ କୁମାର ରାମ, ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ସାହୁ, କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଂଘର ସଭାପତି ରମାକାନ୍ତ ନାୟକ, ସାଧାରଣ ସମ୍ପାଦକ ସୂର୍ଯ୍ୟନାରାୟଣ କର, ଯୁବ ବିଜେଡି ସଂପାଦକ ଅଞ୍ଜନ କୁମାର ବେଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଏକ ମହତ ଦାନ ହୋଇଥିବା ବେଳେ ପ୍ରତ୍ୟେକ ମଣିଷ ଅନ୍ତତଃପକ୍ଷେ ଥରେ ହେଲେ ରକ୍ତଦାନ କରି ଆଉ ଜଣଙ୍କର ଜୀବନ ରକ୍ଷା କରିବାରେ ସହାୟକ ହେବା ଆବଶ୍ୟକ ବୋ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ଜୁନ୍, ୨୦୨୧
email : rabibarachayan2015@gmail.com

ରବିବାର ଚୟନ

.....ସୁଚୟନ ସୁଚୟନ ସୁଚୟନ.....

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ : **ଜୀବନାନୁଭୂତି**

ମୋର ପୂର୍ବ ସ୍ମୃତି କଥା

ଭାଗ-୩୧

(ପୂର୍ବ ପ୍ରକାଶିତ ଉତ୍ତାରୁ...)



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ବାଲେଶ୍ୱରରେ ଚାକିରି

ଛୁଟି ଶେଷ ପରେ ମୁଁ ୧୯୧୫ ମସିହା ଜାନୁଆରୀ ମାସରେ ବାଲେଶ୍ୱରରେ ମୋ କାର୍ଯ୍ୟରେ ଯୋଗଦେଲି ।

କିଛିଦିନ ଉତ୍ତାରେ ଅନୁଗୁଳ ଓ କଟକରୁ ସମ୍ବାଦ ପାଇଲି ଯେ, ମୁଁ ଛୁଟିରେ ଅନୁଗୁଳ ତ୍ୟାଗକରି ଚାଲିଯିବା ଉତ୍ତାରେ ଓଡ଼ିଶା ବିଭାଗର କମିଶନର ଫିସର୍ ସାହେବ (A.N.Fisher, I.C.S) ଅନୁଗୁଳ ଗସ୍ତରେ ଯାଇଥିଲେ ଓ ମୋର କାର୍ଯ୍ୟ ବିଶେଷ ଭାବରେ ଯାଞ୍ଚ କରିଥିଲେ । ବିଦ୍ୟାଧର ସିଂହଙ୍କ ଜଙ୍ଗଲ କବୁଲିଅତ୍ ନଥିଟି ତାଙ୍କ ସମ୍ମୁଖରେ ପେସ୍ ହୋଇଗଲା । ସବ୍‌ଡିଭିଜନ୍ ଅଫିସର ଓ ଡେପୁଟି କମିଶନର ଉକ୍ତ ନଥିରେ ମୁଁ ମିଥ୍ୟା ରିପୋର୍ଟ ଦେଇଥିବା ପ୍ରମାଣ କରାଇବାକୁ ଚେଷ୍ଟା କରିଥିଲେ ଓ କମିଶନର ସେମାନଙ୍କ ରିପୋର୍ଟକୁ ସମର୍ଥନ କରି ମୋର ଭବିଷ୍ୟତ ଉନ୍ନତି ପାଞ୍ଚବର୍ଷ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଗଭର୍ଣ୍ଣମେଣ୍ଟଙ୍କୁ ସୁପାରିଶ କରିଥିଲେ । ଏହାର ଅଳ୍ପଦିନ ଉତ୍ତାରେ କମିଶନର ବାଲେଶ୍ୱରକୁ ଗସ୍ତରେ ଆସିଲେ । ତାଙ୍କ ସହିତ ସାକ୍ଷାତରେ ବିଶେଷତଃ ଅନୁଗୁଳ ବିଷୟ ଉଲ୍ଲେଖ କରି ମୁଁ ଅନୁଗୁଳରେ ମୋର କାର୍ଯ୍ୟ ଭଲଭାବରେ କରିନଥିବାରୁ ସେ ମୋର ଉନ୍ନତି ପାଞ୍ଚବର୍ଷ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଗଭର୍ଣ୍ଣମେଣ୍ଟକୁ ଲେଖିଅଛନ୍ତି ବୋଲି କହିଲେ । ମୁଁ କହିଲି ଯେ, ତାହା ମୋ ବିପକ୍ଷରେ ସବ୍‌ଡିଭିଜନାଲ୍ ଅଫିସର ଓ ଡେପୁଟି କମିଶନରଙ୍କ ଷଡ଼ଯନ୍ତ୍ରର ଫଳ ଓ ମୋ ବିପକ୍ଷରେ ଏହି କାର୍ଯ୍ୟାନୁଷ୍ଠାନ ଉଚିତ ବୋଲି ଯଦି କମିଶନର ମନେକଲେ ତାହାହେଲେ ମୋ ପ୍ରତି ଦଣ୍ଡବିଧାନ ପାଇଁ ଲେଖିବା ପୂର୍ବେ ମୋ ଠାରୁ କୈଫିୟତ୍ ନେଇଥିଲେ ନ୍ୟାୟସଙ୍ଗତ ହୋଇଥାନ୍ତା । କମିଶନର କହିଲେ ଯେ, ଡେପୁଟି କମିଶନର ନିଜେ ସରଜମିନ୍ ତଦନ୍ତ କରିଥିଲେ ଓ ତାଙ୍କ ମନ୍ତବ୍ୟରେ ମୋ ବିପକ୍ଷରେ ପ୍ରମାଣ ଏତେ ସନ୍ତୋଷଜନକ ଯେ, କୈଫିୟତ୍ ନେବା ସେ ଆବଶ୍ୟକ ମନେକଲେ ନାହିଁ । ଦେଖିଲି, ବିଷମ ବୁଝାମଣା । ଆତ୍ମପକ୍ଷ ସମର୍ଥନ ପକ୍ଷରେ ଜବାବ ନେଇ ଦୋଷୀପ୍ରତି ଦଣ୍ଡବିଧାନ ଇଂରେଜ ରାଜତ୍ୱରେ କୌଣସିଠାରେ ନ୍ୟାୟସଙ୍ଗତ ବିବେଚିତ ହୋଇନାହିଁ, ମଧ୍ୟ ଏହା ନିୟମ ବିରୁଦ୍ଧ । ତହିଁରେ ମୁଁ କୈଫିୟତ୍ ଦେବି ବୋଲି କହିଲି ଓ ତାହା ଗଭର୍ଣ୍ଣମେଣ୍ଟଙ୍କ ନିକଟରୁ ପଠାଇ ଦେବାପାଇଁ ଅନୁରୋଧ କଲି । ସେଥିରେ କିଛି ଫଳ ହେବନାହିଁ ବୋଲି କମିଶନର ସାହେବ କହିଲେ । ମୁଁ କିନ୍ତୁ ହଟିଲି ନାହିଁ ଏବଂ ଯେଉଁ କୈଫିୟତ୍ ଅନୁଗୁଳରେ ପ୍ରସ୍ତୁତ କରି ରଖିଥିଲି ତହିଁର କିତାଏ ଗଭର୍ଣ୍ଣମେଣ୍ଟଙ୍କଠାକୁ ସିଧାସଳଖ ଓ ଆଉ କିତାଏ କମିଶନରଙ୍କ ମଧ୍ୟସ୍ଥତାରେ ପଠାଇ ଦେଲି । ମୋ ବିରୁଦ୍ଧରେ ଅଭିଯୋଗର କାରଣ ଅନୁଗୁଳ ଡେପୁଟି କମିଶନରଙ୍କ ସମ୍ମୁଖରେ ପ୍ରାଇସ୍ ସାହେବଙ୍କ ଘଟଣା ବିଶେଷ ଭାବରେ ଉଲ୍ଲେଖ କରିଥିଲି । ମୋ ପ୍ରତି କମିଶନରଙ୍କ ଲିଖିତ ଦଣ୍ଡବିଧାନ ହେଲେ ମୁଁ ଚାକିରି ଇସ୍ତଫା ଦେଇ ଲ (ଆଇନ) ପଢ଼ିବା ସକାଶେ କଲିକତାକୁ ଚାଲିଯିବି ବୋଲି ପ୍ରସ୍ତୁତ ହୋଇ ରହିଲି ।

ମୋର ସହାଧ୍ୟାୟୀ ବର୍ତ୍ତମାନ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଶ୍ରୀ ରମେଶଚନ୍ଦ୍ର ମିତ୍ର ଅଳ୍ପଦିନ ପୂର୍ବେ ସେ ଇହଧାମ ତ୍ୟାଗ କରିଅଛନ୍ତି । ସେହି ସମୟରେ ବାଲେଶ୍ୱରରେ ମୁନସିଫ୍ ହୋଇ ରହିଥିଲେ । ଦିନେ ସେ ମୋ ବସାକୁ ଆସି ବିହାର ଓଡ଼ିଶାର ଗେଜେଟ୍ ମୋତେ ଦେଖାଇଲେ । ତାଙ୍କୁ ତ ଅନୁଗୁଳ ଘଟଣା ସମ୍ବନ୍ଧରେ କହିଥିଲି । ଦେଖିଲି ଟ. ୧୫୦/- ଗ୍ରେଡ୍‌ରୁ ଟ.୧୭୫/- ଗ୍ରେଡ୍‌କୁ ଉନ୍ନତି ହୋଇଅଛି । ଏହାର କାରଣ ବୁଝିପାରିଲି ନାହିଁ । କମିଶନର୍‌ଙ୍କ ସୁପାରିଶମତେ ପାଞ୍ଚବର୍ଷ ସକାଶେ ମୋର ଉନ୍ନତି ସ୍ଥଗିତ ହେବାକଥା, ଆଉ କାହିଁ ତାହା ନହୋଇ ମୋର ଉନ୍ନତି ହୋଇଛି! ବର୍ତ୍ତମାନ ପରି ସେହି ସମୟରେ ଦରମା ବର୍ଷକୁ ବର୍ଷ ବୃଦ୍ଧି ହେବା ନିୟମ ନଥିଲା । ଦରମା ବୃଦ୍ଧି ସ୍ତର (Grade) ଥିଲା । ପ୍ରଥମ ସ୍ତରର ଦରମା ୧୦୦ ଟଙ୍କାରୁ ୧୫୦ ଟଙ୍କା, ୧୭୫ ଟଙ୍କା, ୨୦୦ ଟଙ୍କା ଓ ପଞ୍ଚମ ସ୍ତରରେ ଟ.୨୫୦/- । ଅବସର ନେବା ଅଥବା ଅନ୍ୟ କାରଣରେ ଉର୍ଦ୍ଧ୍ୱସ୍ତରରେ ସ୍ଥାନ ଖାଲି ହେଲେ ନିମ୍ନସ୍ତରରୁ ଉନ୍ନତି ମିଳୁଥିଲା ।

ପରଦିନ କଚେରୀକୁ ଗଲାରୁ ମୋ ପେସ୍କାର ଆଣି ମୋତେ ସରକାରଙ୍କ ଠାରୁ ଆସିଥିବା ହୁକୁମ ଦେଖାଇଲେ । ତହିଁରୁ ଜାଣିଲି, ଲେଫନାଣ୍ଟ ଗଭର୍ଣ୍ଣର ସାର୍ ଏଡ୍‌ୱାର୍ଡ ଗେଟ୍ (Sir Edward Gait) ଅନୁଗୁଳ ଡେପୁଟି କମିଶନର ଓ ଓଡ଼ିଶା ବିଭାଗର କମିଶନରଙ୍କ ମନ୍ତବ୍ୟକୁ ଅଗ୍ରାହ୍ୟ କରି ମୋତେ ନିର୍ଦ୍ଦୋଷ ସାବ୍ୟସ୍ତ କରିଅଛନ୍ତି । ଭଗବାନଙ୍କ ରାଜ୍ୟରେ ଅବିଚାରର ସ୍ଥାନ ନାହିଁ । ଏହା ଉତ୍ତାରେ ଏହି ଘଟଣା ସମ୍ପର୍କରେ ମୋତେ ଅନେକ ବନ୍ଧୁ ଅଭିବାଦନ ଜଣାଇଲେ ।

ଚାକିରି ଜୀବନର ପ୍ରଥମ ଦ୍ୱନ୍ଦ୍ୱ ମଧ୍ୟରେ ପ୍ରାଣରେ ଆଘାତ ପ୍ରାପ୍ତ ହୋଇ ତତ୍‌ପ୍ରତି ବୀତଶ୍ରଦ୍ଧ ହୋଇଥିଲି ଓ ତତ୍ପରେ ସ୍ୱାଧୀନ ଜୀବନଯାପନର ମଧୁମୟ ସ୍ୱପ୍ନ ନିଷ୍ଫଳ ହୋଇଥିବା ଦେଖି କର୍ମକୁ ଆଦରି ରହି କାର୍ଯ୍ୟରେ ମନୋନିବେଶ କରିବାକୁ ଲାଗିଲି ।

୧୯୧୫ ସାଲର ମଧ୍ୟଭାଗରେ ବାଲେଶ୍ୱର ନିକଟବର୍ତ୍ତୀ ସମୁଦ୍ର ଉପକୂଳସ୍ଥ କେତେକ ଅଞ୍ଚଳରେ କ୍ରମାଗତ ଅନାବୃଷ୍ଟି ଯୋଗୁଁ ଅନ୍ନାଭାବ ହୋଇଥିଲା । କଲେକ୍ଟର ସାହେବ ମୋତେ ସେହି ଅଞ୍ଚଳକୁ ତଦନ୍ତ ସକାଶେ ପଠାଇଲେ । ତାଳପଦା ନାମକ ଏକ ଗ୍ରାମ ଏହି ଅଞ୍ଚଳର କେନ୍ଦ୍ରସ୍ଥଳ, ବାହାନଗା ବଜାର ଷ୍ଟେସନରୁ ଆଠ ମାଇଲ ଦୂରରେ ଏହି ଗ୍ରାମ ସମୁଦ୍ରକୂଳରେ ଅବସ୍ଥିତ । ସେଠାରେ ରହି ମୁଁ ଚତୁଷ୍ପାର୍ଶ୍ୱସ୍ଥ ଗ୍ରାମମାନ ବୁଲି ଦେଖିଲି, ପ୍ରକୃତରେ ଏତେ ଅନ୍ନାଭାବ ହୋଇଅଛି ଯେ, ସମ୍ଭ୍ରାନ୍ତ ପରିବାରର ଲୋକେ ସୁଦ୍ଧା ଓଳିଏ ଖାଇବା ଭଳି ଅନ୍ନସଂସ୍ଥାନ କରିପାରୁନାହାଁନ୍ତି । ନିମ୍ନଶ୍ରେଣୀର ଲୋକମାନେ ଦିନୁଦିନ ଅନାହାରରେ ରହିଯାଉଅଛନ୍ତି । ସ୍ତ୍ରୀ, ଶିଶୁମାନେ ଅସ୍ଥିଚର୍ମସାର ହୋଇଯାଇଅଛନ୍ତି । ଏକ ସ୍ଥାନରେ ଦେଖିଲି, ନିଜ ସନ୍ତାନ ମୁଖରୁ ମା' ଅନ୍ନ ଛଡ଼ାଇ ନେଇ ନିଜେ ଖାଇଯାଉଛି । ମୁଁ ପ୍ରକୃତ ଅବସ୍ଥା କଲେକ୍ଟରଙ୍କୁ ଜଣାଇଲି । ସେ ସସ୍ତ୍ରୀକ ନିଜେ ଲୋକଙ୍କ ଅବସ୍ଥା ଦେଖିବେ ବୋଲି ମୋତେ ତାଳପଦା ଅଞ୍ଚଳକୁ ଆସିଥିବା ନାଳକୂଳରେ ଏହିପରି ଲୋକଙ୍କୁ ଏକତ୍ରିତ କରି ରଖିବା ପାଇଁ କହିଲେ । ମୁଁ ସହସ୍ର ସହସ୍ର ଲୋକ ରଖିଦେଲି । କଲେକ୍ଟର ଆସି ଯେତେବେଳେ ସେମାନଙ୍କୁ ଦେଖିଲେ, ତାଙ୍କ ଚକ୍ଷୁଦ୍ୱୟ ଅଶ୍ରୁପ୍ଲାବିତ ହୋଇଗଲା । ମୁଁ ପ୍ରତ୍ୟକ୍ଷ ଦେଖିଲି, ଚକ୍ଷୁଦ୍ୱୟ ରୁମାଲରେ ପୋଛୁଛନ୍ତି । ସେମାନଙ୍କ ସକାଶେ ବିହିତ ବ୍ୟବସ୍ଥା କରିବେ ବୋଲି କହି ସେ ସେହିଦିନ ଚାଲିଗଲେ ।

ମୁଁ କିନ୍ତୁ ଯାଇପାରିଲି ନାହିଁ । ତାଳପଦା ଡିଷ୍ଟ୍ରିକ୍ଟ ବୋର୍ଡ ବଙ୍ଗଳାରେ ରହି ଅନାହାର କ୍ଲିଷ୍ଟ ଲୋକଙ୍କୁ ଦୁଇଚାରିଦିନ ପାଇଁ ହେଲେ କିମ୍ବା ସରକାରଙ୍କ ପକ୍ଷରୁ କିଛି ବ୍ୟବସ୍ଥା ହେବାଯାଏ ଅନ୍ନ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବା ସ୍ଥିରକଲି । ସେହି ଅଞ୍ଚଳର ଅନେକ ଗ୍ରାମ ବୁଲି ସଙ୍ଗତିସମ୍ପନ୍ନ ଲୋକଙ୍କଠାରୁ କିଛି କିଛି ଚାଉଳ ସଂଗ୍ରହକରି ତାଳପଦାରେ ଗୋଟିଏ ଅନ୍ନଛତ୍ର ଖୋଲିଦେଲି । ସେହି ଅଞ୍ଚଳର ଜଣକେତେ ଉତ୍ସାହୀ ଯୁବକ ସ୍ୱେଚ୍ଛାସେବକ ହୋଇ ବାହାରିପଡ଼ିଲେ ଓ ରୋଷେଇ ଆଦି କାର୍ଯ୍ୟରେ ଲାଗିଗଲେ । ଦୁଇଦିନ ପରେ ମୋ କାର୍ଯ୍ୟର ଗୋଟିଏ ବିବରଣୀ କଲେକ୍ଟରଙ୍କୁ ଦେଲି । କଲେକ୍ଟର ମୋ କାର୍ଯ୍ୟର ଅନୁମୋଦନ କଲେ ।

ପ୍ରାୟ ଏକ ସପ୍ତାହ ଉତ୍ତାରେ ଓଡ଼ିଶା ବିଭାଗର କମିଶନର ଗ୍ରୁନିଂ ସାହେବ (Grunning) ବାଲେଶ୍ୱରକୁ ଆସିଲେ । ଦୁର୍ଭିକ୍ଷ ହୋଇଥିବା ବିଷୟ ସେ ସ୍ୱୀକାର କଲେନାହିଁ କିମ୍ବା ଅନାହାରକ୍ଲିଷ୍ଟ ଲୋକଙ୍କ ଦୁଃଖମୋଚନ ସକାଶେ ସୁଦ୍ଧା କୌଣସି ବ୍ୟବସ୍ଥା କଲେନାହିଁ । କିନ୍ତୁ କଲେକ୍ଟର ଏଥିରେ ପଶ୍ଚାତ୍‌ପଦ ହେଲେ ନାହିଁ । ଆମ୍ଭାମାନଙ୍କ ମଧ୍ୟରୁ କେତେକ ଅଫିସରଙ୍କୁ ଡାକି ଭିକ୍ଷାଲବ୍ଧ ଟଙ୍କା ଓ ଚାଉଳ ସାହାଯ୍ୟରେ ଅନ୍ନାଶାଳାମାନ ଚଳାଇବା ସକାଶେ ଉଦ୍‌ବୁଦ୍ଧ କରିବାକୁ ଲାଗିଲେ । ବାଲେଶ୍ୱର ଟାଉନ୍‌ହଲ୍‌ରେ ଗୋଟିଏ ସଭା ହେଲା ଓ ସେଠାକୁ ଜିଲ୍ଲାସ୍ଥ ଜମିଦାର, ମହାଜନ ଇତ୍ୟାଦି ଲୋକଙ୍କୁ ଡାକି ବିପନ୍ନ ଲୋକଙ୍କ ଅନାହାର କଷ୍ଟ ମୋଚନ ସକାଶେ କରୁଣୋକ୍ତି ପ୍ରକାଶ କଲେ ଓ ସେମାନଙ୍କ ବଦାନ୍ୟତା ଆକର୍ଷଣ କରିବା ଉଦ୍ଦେଶ୍ୟରେ ଉକ୍ତ ସଭାରେ ନିଜେ ଏକସହସ୍ର ଟଙ୍କା ମୂଲ୍ୟର ଗୋଟିଏ ନୋଟ୍ ନିଜ ଦାନ ବୋଲି ରଖିଦେଇ କହିଲେ ଯେ, ଅନ୍ନଶାଳାର ଆବଶ୍ୟକତା ଦୂର ନହେବା ଯାଏ ସେ ସ୍ୱହସ୍ତରୁ ମାସିକ ପାଞ୍ଚଶତ ଟଙ୍କା ଲେଖାଏଁ ଏହି ଉଦ୍ଦେଶ୍ୟରେ ଦେଉଥିବେ । କହିବା ବାହୁଲ୍ୟ, ଏହି ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ଆଶାତୀତ ଅର୍ଥ ଦାନକଲେ ଓ ଏଥିରେ ଓ ପରେ ସଂଗୃହୀତ ଅର୍ଥ ସାହାଯ୍ୟରେ ଅନାହାରକ୍ଲିଷ୍ଟ ଲୋକଙ୍କ କଷ୍ଟ ବହୁ ପରିମାଣରେ ଦୂର ହୋଇଥିଲା । (କ୍ରମଶଃ)

ପର୍ଦ୍ଦା ପଛର କଥା -୩

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଅଂଧମୁହାଁଣୀ ଓ ବିଫଳ ସ୍ମୃତିର ସମ୍ଭାବନା(୧)

ଗଳ୍ପ କି ଉପନ୍ୟାସଟିଏ ପଢ଼ି ବସିଲେ ପ୍ରଥମେ ବର୍ଣ୍ଣିତ ଘଟଣା ଓ ଚରିତ୍ରମାନେ ମୋ ମୁଣ୍ଡରେ ସବାର ହୋଇଯା'ନ୍ତି ଓ ପ୍ରତ୍ୟେକଟି ସିକ୍ୟୁଏନ୍‌ସକୁ ମୁଁ ମାନସପଟ୍ଟରେ ଦୃଶ୍ୟମାନ କରିବସେ ।

ଏଇଟା ମୋର ପିଲାଦିନର ଅଭ୍ୟାସ । ଯଦିଓ ମୁଁ ଜାଣିନଥିଲି ମୋ ଭବିଷ୍ୟତ ମତେ କୁଆଡ଼େ ନେବ । ବୋଉର ସଉକ୍ ଥିଲା ପଢ଼ିବା । ପ୍ରଚୁର ଓଡ଼ିଆ ଓ ବଙ୍ଗଳା ପତ୍ର ପତ୍ରିକା ଆମ ଘରକୁ ଆସୁଥିଲା । ସେହି ପତ୍ରିକାମାନଙ୍କ ମଧ୍ୟରୁ ଓଡ଼ିଆ ସାହିତ୍ୟ ପତ୍ରିକା 'ନୀଳକମଳ' ଥିଲା ପ୍ରମୁଖ । ସେହି 'ନୀଳକମଳ' ପୃଷ୍ଠାରେ ଦେବ୍ରାଜ ଲେଙ୍କାଙ୍କ ଉପନ୍ୟାସ "ପିଆସୀ କଳି ପାଗଳ ଭଅଁର" (ଅବଶ୍ୟ ପରେ ଏହାର ନାମ 'ପ୍ରେମ ନଗରର ଅନେକ କଥା' ଶୀର୍ଷକରେ ଉପନ୍ୟାସ କଳେବରରେ ପ୍ରକାଶିତ ହୋଇଥିଲା) ପଢ଼ିବାର ସୁଯୋଗ ପାଇଥିଲି । ନାୟକ ରଫିକ୍ ଓ ନାୟିକା ଝୁନୁରାଣୀର ପ୍ରେମର ପ୍ରତ୍ୟେକଟି ସିକ୍ୟୁଏନ୍ସ ମୋ ଅବଚେତନ ସ୍ତରରେ ବସାବାନ୍ଧି ରହିଥିଲା । କେବଳ କାହାଣୀର ଶେଷ ପରିଣତିଟି ମତେ ଫିଲ୍ଲିକ୍ ଲାଗିନଥିଲା । ଦେବ୍ରାଜ ବାବୁଙ୍କ ପ୍ରତି ମୋର ଶ୍ରଦ୍ଧା ବଢ଼ିଯାଇଥିଲା । ତାଙ୍କର ଅନ୍ୟ ଉପନ୍ୟାସ 'ଜୋକର' ଓ 'ଖେଳ' ମତେ ଅବିଭୂତ କରିଦେଇଥିଲା । 'ଖେଳ' ଉପନ୍ୟାସର ନାୟକ ଚରିତ୍ର ପାଇଁ ମୁଁ ମନେ ମନେ ତତ୍କାଳିକ ଓଡ଼ିଆ ଅଭିନେତାମାନଙ୍କୁ କଳ୍ପନାରେ ତଉଲ କରୁଥିଲି । 'ଜୋକର' ଉପନ୍ୟାସ 'ମେରା ନାମ ଜୋକର' ଫିଲ୍ମ ପୂର୍ବରୁ ହିଁ ରଚିତ ହୋଇଥିଲା ।

ଦେବ୍ରାଜ ବାବୁଙ୍କ ସହ ସାକ୍ଷାତ ହେଲାବେଳକୁ ମୁଁ କିନ୍ତୁ 'ଅନ୍ଧ ମୁହାଁଣୀ'କୁ ପଢ଼ି ନଥିଲି ଯଦିଓ ବହୁ ଚର୍ଚ୍ଚାରେ ଥିଲା ଉପନ୍ୟାସଟି । ମଝିରେ ମଝିରେ 'ଅନ୍ଧ ମୁହାଁଣୀ'କୁ ଚଳଚ୍ଚିତ୍ର ରୂପ ଦେବାପାଇଁ ଭିନ୍ନ ଭିନ୍ନ ପ୍ରଯୋଜକଙ୍କ ଘୋଷଣା ଆମୋଦିତ କରୁଥିଲା ।

'ଅନ୍ଧ ମୁହାଁଣୀ'କୁ ପଢ଼ିବା ପରେ ମୋର ମନେ ହେଲା ଏହା ଏକ ସୁନ୍ଦର ଚଳଚ୍ଚିତ୍ର ହୋଇ ପାରିବ । ଦେବ୍ରାଜ ବାବୁଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ମୋର ଦ୍ୱିଗୁଣିତ ହୋଇଯାଇଥିଲା । ଓଡ଼ିଆରେ ବହୁ ଲୋକପ୍ରିୟ କାହାଣୀ ମଧ୍ୟରେ ବାରିଷ୍ଟର ଗୋବିନ୍ଦ ଚନ୍ଦ୍ରଙ୍କ "ଅମାବାସ୍ୟାର ଚନ୍ଦ୍ର' କୁ ମଧ୍ୟ ବହୁ ପ୍ରଯୋଜକ ଚଳଚ୍ଚିତ୍ର ରୂପ ଦେବା ପାଇଁ ପ୍ରୟାସ କରିଥିଲେ ।

ମୋର ମନେଅଛି ହାଇସ୍କୁଲରେ ପଢ଼ିଲା ବେଳେ ମୋର ଜଣେ ସଂପର୍କୀୟ ଭାଇ ତାଙ୍କର ଜଣେ ବନ୍ଧୁ 'ଅମାବାସ୍ୟାର ଚନ୍ଦ୍ର'କୁ ଚଳଚ୍ଚିତ୍ର ରୂପ ଦେଉଛନ୍ତି ବୋଲି ଜଣାଇଲେ ଓ ଅଭିନୟ କରିବା ପାଇଁ ମୋ ନାଁ ସୁପାରିଶ କରିବା କଥା କହିଲେ । ଉତ୍ତେଜନାବଶତଃ ମୁଁ ଉପନ୍ୟାସଟିକୁ ଏକା ନିଶ୍ୱାସକେ ପାଠ କରିଦେଲି । ତେବେ ଛୋଟ କ୍ଲାଉଲ ଭୂମିକା ପାଇଁ ନିଜର ମାନସିକ ପ୍ରସ୍ତୁତି ଆରମ୍ଭ କରିଦେଇଥିଲ ।

ଦେବ୍ରାଜ ବାବୁଙ୍କ ଭୁବନେଶ୍ୱର ମାର୍କେଟ ବିଲ୍‌ଡିଙ୍ଗସ୍ଥିତ 'ନବପ୍ରଭାତ'ରେ ବନ୍ଧୁ ତ୍ରିଲୋଚନ ସାକ୍ଷାତ କରାଇ ଦେଲେ । ପ୍ରଥମ ଦିନ ଚିତ୍ରପୁରୀର ସଂପାଦକ ସ୍ୱର୍ଗତଃ ବସନ୍ତ ପଟ୍ଟନାୟକଙ୍କ ସହ ସାକ୍ଷାତ ହେଲା । ଚିତ୍ରପୁରୀ ନିଶିବନ୍ତ 'କ୍ରାନ୍ତି' ଓ 'ଶାନ୍' (ସେ ବେଳର ମୁକ୍ତି ଅପେକ୍ଷାରେ ଥିବା ଚିତ୍ର) ଉପରେ ଗୋଟିଏ ଆର୍ଟିକଲ୍ ଚିତ୍ରପୁରୀ ପାଇଁ ଲେଖିବା ପାଇଁ ଦାୟିତ୍ୱ ଦେଲେ । ଦେବ୍ରାଜ ବାବୁଙ୍କ 'ନବପ୍ରଭାତ' ମୁଁ ଓ ମୋ ବନ୍ଧୁମାନଙ୍କ ସାହିତ୍ୟ ଆସରର ଖଟି ହେଇଗଲା । ବନ୍ଧୁ ଅଜୟ ସ୍ୱାଇଁ, କୈଳାସ ତ୍ରିପାଠୀ, ଭିକାରୀ ଧଳ, ବଂଶୀଧର ରାଉତ ପ୍ରମୁଖ ଲେଖକ ବନ୍ଧୁମାନଙ୍କ ସହ ଅପରାହ୍ଣର ଆସରର ଜମୁଥିଲା ।

ଦିନେ ଜଣେ ଯୁବକ ଏକ ସ୍କୁଟରରେ ଆସି ପହଞ୍ଚିଲେ ଓ ନାଟକୀୟ ଭାବରେ ଦେବ୍ରାଜ ଲେଙ୍କାଙ୍କୁ କହିଲେ ମୁଁ ଆପଣଙ୍କ 'ଅନ୍ଧ ମୁହାଣୀ'କୁ ଚଳଚ୍ଚିତ୍ର କରିବି ।

ଦେବ୍ରାଜ ବାବୁ ଥରେ ଯୁବକଙ୍କୁ ଓ ଥରେ ତାଙ୍କର ମାର୍କେଟରୁ ଆଉଟ୍ ଡେଟେଡ୍ ହୋଇଥିବା ପାଲିଆମା ସ୍କୁଟରକୁ ଗୋଟାଏ ବେଖାତିର ହସଟାଏ ଫିଙ୍ଗିଲେ ।

ଯୁବକ ଜଣକ କହିଲେ, "ମୁଁ ଜାଣେ ଆପଣଙ୍କୁ ଦେବା ପାଇଁ ମୋ ପାଖରେ ଅର୍ଥ ନାହିଁ ତେବେ ମୋର ଏଇ ହାତ ମୁଦିଟିକୁ ଆପଣଙ୍କୁ ଉପହାର ପ୍ରଦାନ କରୁଛି ।"

ଯୁବକ ଜଣଙ୍କର କଥାରେ ପ୍ରଭାବିତ ହୋଇଥିଲେ ଦେବ୍ରାଜ ବାବୁ । କହିଲେ, "ଅନ୍ଧ ମୁହାଣୀ'କୁ ଚଳଚ୍ଚିତ୍ର କରିବା ପାଇଁ ବହୁ ପ୍ରଯୋଜକ ମତେ ମୋ ପାରିଶ୍ରମିକ ବାବଦରେ ଅର୍ଥ ପ୍ରଦାନ କରିଛନ୍ତି, ତେଣୁ ମୁଁ ପାରିଶ୍ରମିକ ଆଶା କରୁନାହିଁ । ଆଣ ମୁଁ ସେ ଅବ୍‌ଜେକ୍‌ସନ ପେପରରେ ସାଇନ୍ କରିଦେଉଛି ।

ଆମେମାନେ ଦେବ୍ରାଜବାବୁଙ୍କ ମୁହଁ ସହ ପରିଚିତ ଥିଲୁ ଆଗରୁ ।

ଯୁବକ ଜଣକ ଥିଲେ 'ସଙ୍ଗ ଆଣ୍ଡ ଡ୍ରାମା' ଡିଭିଜନ୍‌ର ଆର୍ଟିଷ୍ଟ ବିଜୟ ସିଂ । 'ସଖାରାମ୍ ବାଇଣ୍ଡର' ନାଟକ ମଂଚସ୍ଥ କରି ସେ ବେଶ୍ ପରିଚିତ ହାସଲ କରିଥିଲେ । ଚଳଚ୍ଚିତ୍ର "ସମର ସଲିମ୍ ସାଇମନ୍"ର ନିର୍ଦ୍ଦେଶନା ସହ ସେ ସଂପୃକ୍ତ ଥିଲେ ।

ବେଶ୍ କିଛିଦିନ ବିତିଗଲା । 'ଅଂଧମୁହାଁଣୀ' ଚଳଚ୍ଚିତ୍ର ହେବା କଥା ମୁଁ ଭୁଲଗଲି । ଦେବ୍ରାଜ ବାବୁ କିନ୍ତୁ ମତେ ପ୍ରତିଶ୍ରୁତି ଦେଲେ । ଖୋକା (ଅକ୍ଷୟ ମହାନ୍ତି) ସଂଗୀତ କରୁଛି । ମ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୩ ଜୁନ୍, ୨୦୨୧

ଦୁନିଆର ସବୁ ସରକାର ଏକ ହୁଅ

ମାୟାଧର ନାୟକ



ସାରା ବିଶ୍ୱରେ କରୋନା-ବିସ୍ଫୋରଣ ଯେଭଳି ଭାବରେ ମାଡିଚାଲିଛି ତାକୁ ରୋକି ହେବକି ନାହିଁ - ସବୁଠାରୁ ବଡ ପ୍ରଶ୍ନ । ବର୍ତମାନ ପର୍ଯ୍ୟନ୍ତ ମାସ୍କ, ସାମାଜିକ ଦୂରତ୍ୱ, ସାନିଟାଇଜେସନ୍ ରକ୍ଷା କବଚ ଭାବେ ବ୍ୟବହାର କରାଯାଉଛି । କରୋନା ମହାମାରୀରେ ଜୀବନ ରକ୍ଷାକାରୀ ଔଷଧ, ଭାକ୍ସିନ୍, ଅମ୍ଳଜାନ, ଭେଂଟିଲେଟର୍, ହସ୍ପିଟାଲରେ ବେଡ୍ ପ୍ରମୂଖ ଯାହା କିଛି ଆବଶ୍ୟକ ତାହା ପର୍ଯ୍ୟାପ୍ତ ପରିମାଣରେ ସବୁ ଦେଶରେ ନାହିଁ । ପୂର୍ବରୁ ବିଶ୍ୱବାସୀ ସ୍ୱାସ୍ଥ୍ୟବିଭାଗ ପ୍ରତି ଏତେ ଦୃଷ୍ଟି ଦେଉନଥିଲେ । ଅଧିକାଂଶ ଦେଶରେ ଡାକ୍ତରଖାନା ମଧ୍ୟ ସବୁ ଲୋକଙ୍କ ହାତ ପାଆନ୍ତାରେ ନଥିଲା । ହଠାତ୍ ବିପଦ ପଡିବାରୁ ବର୍ତମାନ କୋଭିଡ୍ ଡାକ୍ତରଖାନା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛେ । ସବୁଠି ନାଇଁ ନାଇଁର ଆର୍ତଚିତ୍କାର ।

ଆମ ଦେଶରେ ପ୍ରଥମେ ପ୍ରଥମେ କରୋନା ବିରୋଧୀ ମହାଯୁଦ୍ଧରେ କିଛିଟା ସଫଳ ହୋଇଥିଲେ । କିନ୍ତୁ କରୋନାର ଦ୍ୱିତୀୟ ଲହର ଦେଶବାସୀଙ୍କ ହୋସ୍ ଉଡାଇ ଦେଲାଣି । ଆମ ଦେଶର ବଡପଣ୍ଡାମାନେ ଯାହା କୁହନ୍ତି ତାହା ଠିକ୍ ଭାବେ କାର୍ଯ୍ୟକାରୀ କରିପାରନ୍ତି ନାହିଁ । କୁମ୍ଭମେଳା ଠାରୁ ଆରମ୍ଭ କରି ନିର୍ବାଚନ ପ୍ରଚାର ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନେତାମାନେ ସବୁ ଘୋଷଣାକୁ ଉଲ୍ଲଙ୍ଘନ କରି କରୋନା ମହାମାରୀକୁ ନିମନ୍ତ୍ରଣ କରିଆଣିଲେ । ଯାହା ଫଳରେ କରୋନାର ଦ୍ୱିତୀୟ ଲହର ଭୟଙ୍କର ଭାବେ ପ୍ରାୟ ସବୁ ରାଜ୍ୟରେ ମାଡି ଚାଲିଛି । ସଂକ୍ରମିତମାନଙ୍କୁ ଅମ୍ଳଜାନ ଯୋଗାଇବା କାଠିକର ପାଠ ହୋଇଗଲାଣି । ସୁପ୍ରିମ୍‌କୋର୍ଟ୍ ହାଇକୋର୍ଟ୍ ଯେତେ ତାଗିଦ୍ କଲେବି କେହି ଶୁଣିବାକୁ ନାହିଁ । ପୁଣି ସେପ୍ଟେମ୍ବର ମାସ ବେଳକୁ ତୃତୀୟଲହର ମାଡି ଆସିବ ବୋଲି ଶୁଣାଗଲାଣି । କରୋନା ମହାମାରୀ ଠାରୁ ବିଷାଦ ବ୍ୟାଧି ବଢିବାରେ ଲାଗିଛି । ଏହି ଆତଙ୍କକୁ ଯେଉଁମାନେ ପୁଞ୍ଜି କରୁଛନ୍ତି ସେମାନଙ୍କ ପ୍ରତି ସତର୍କ ରୁହ ।

ବର୍ତମାନ ଟି.ଭି, ମୋବାଇଲ୍, ଖବର କାଗଜ ଉପରେ ଦୃଷ୍ଟିପାତ କଲେ କେବଳ ଭୟଙ୍କର କରୋନା ମହାମାରୀ ଖବର ପରିବେଷଣ କରାଯାଉଛି । ଯାହା ଫଳରେ ଭୟଭୀତ ହୋଇ ନଥିବା ସାହାସୀ ମଣିଷ ମନରେ ଛନକା ପଶିଯାଉଛି । ବହୁ ଲୋକ ହତାଶ ପଙ୍କରେ ଘାଂଟି ହେଉଛନ୍ତି । ଏବେ ଅଭାବ ଅନାଟନ ବଢିବାରେ ଲାଗିଛି । କରୋନା ମହାମାରୀ ଠାରୁ ଦୂରେଇ ରହିବା ପାଇଁ ବିଶ୍ୱବ୍ୟାପୀ ଯେଉଁସବୁ ନିଦାନ ଘୋଷଣା କରାଯାଇଛି ତାହାକୁ ଅମାନିଆମାନେ ମାନୁନାହାଁନ୍ତି । ସଟ୍‌ଡାଉନ୍ ବେଳେ ଓ ଲକ୍‌ଡାଉନ୍ ପୂର୍ବରୁ ଆବଶ୍ୟକୀୟ ଜିନିଷପତ୍ର ସଂଗ୍ରହ ପାଇଁ ଅସମ୍ଭବ ଭିଡ କରୁଛନ୍ତି । ଯାହା ଫଳରେ ଗୋଦରା କୋଡେ ଯେତେ ମାଡେ ସେତେ । ଏଣେ ମଦ ପାଇଁ ଭିଡ ଅସମ୍ଭାଳ । ଆମେ କ'ଣ ଜାଣିଶୁଣି କରୋନାକୁ ଆଣି ଘରେ ପୁରାଉ ନାହାଁନ୍ତିକି ? ଏବେ କାହାକଥା କିଏ ଶୁଣିବ ! ସରକାର ଯାହା କହୁଛନ୍ତି ଆମେ ଶୁଣୁଛେ, ପୁଣି ଅମାନିଆ ହେଉଛେ । ଏହି ସମୟରେ ହତ୍ୟା, ବ୍ୟଭିଚାର, ଅତ୍ୟାଚାର, ନାରୀ ନିର୍ଯ୍ୟାତନା ବଢିଚାଲିଛି । ଏସବୁ ଦୁଃସମ୍ବାଦ ବିବେକୀ ଲୋକଙ୍କୁ ବ୍ୟଥିତ କରୁଛି । ଆଗରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଠିକ୍‌ଠାକ୍ ନଥିଲା । ଏବେ ଶିକ୍ଷା ବ୍ୟବସ୍ଥା ଭୁଷୁଡିବାକୁ ଲାଗିଲାଣି । ସବୁ ବିପଦ ଏକା ସାଙ୍ଗରେ ପଡୁଛି ।

ଅର୍ଥନୈତିକ ସଂକଟ ଭୟଙ୍କର ଭାବେ ଦେଖା ଦେଇଛି । କଳ କାରଖାନା, ଖଣିଖାଦାନ ଓ ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନ ଯେଉଁ ଶ୍ରମଜୀବିମାନଙ୍କ ଦ୍ୱାରା ଚାଲୁଥିଲା, ସେମାନେ ଜୀବନ ବିକଳରେ କର୍ମସ୍ଥଳୀରୁ ଘରମୁହାଁ ହେଉଛନ୍ତି । ଆମ ଓଡିଶାରେ ସବୁ ପ୍ରକାର ସୁଯୋଗ ସୁବିଧା ଥାଇ ମଧ୍ୟ ଶ୍ରମଜୀବିମାନେ ଅନ୍ୟାନ୍ୟ ରାଜ୍ୟରେ ଯାଇ ଦାଦନ ଖଟୁଛନ୍ତି । ସେଠାରେ ଅବସ୍ଥା ଅସମ୍ଭାଳ ହେବାରୁ ପୁଣି ଘରମୁହାଁ ବାହୁଡୁଛନ୍ତି । ନିଜ ରାଜ୍ୟ ଓ ଗାଁରେ ସେମାନଙ୍କ ପାଇଁ କାମଦାମ ନାହିଁ । ଏଣେ ଅର୍ଥାଭାବରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡିଲାଣି । ସରକାର ଯେତେ ଯୋଜନା, ଘୋଷଣା କଲେବି ସେମାନଙ୍କୁ ଥଇଥାନ କରିପାରୁ ନାହାଁନ୍ତି ।

ରାଜନୈତିକ ଘଟଣା ଦିନକୁ ଦିନ ଭୟଙ୍କର ରୂପ ନେଉଛି । ଦଳ ଓ ନେତାମାନେ ପରସ୍ପର ଭିତରେ ଲଢାଲଢି ହେଉଛନ୍ତି । ଏ ମହାମାରୀ ବେଳେ କ୍ଷମତା ନିଶା ସେମାନଙ୍କୁ ପାଗଳ କରିଦେଇଛି । ଯେନତେନ ପ୍ରକାରେ କ୍ଷମତା ହାସଲ ପାଇଁ ନାନାପ୍ରକାର କୁଟଚକ୍ରାନ୍ତ କରିଚାଲିଛନ୍ତି । ସବୁ ରାଜନୈତିକ ଦଳ ଭିତରେ ପାଂଚଦଶ ପର୍ସେଂଟ୍ ଭଲ ଲୋକ ଅଛନ୍ତି । ବାକି ସମସ୍ତେ ପ୍ରାୟ ନିଜସ୍ୱାର୍ଥ ଛଡା ଭଲ କଥା କିଛି ଭାବୁ ନାହାଁନ୍ତି । ରାଜନୈତିକ ଦଳଗୁଡିକର ନେତୃତ୍ୱ ସଠିକ୍ ନେତା ହାତରେ ନଥିବାରୁ ସେମାନେ ଜନଗଣଙ୍କୁ ବାଟବଣା କରୁଛନ୍ତି । ସାଧାରଣ ଲୋକେ ଦଳ, ନେତା, ସରକାରଙ୍କୁ ଚାହିଁବସିଛନ୍ତି । ସେମାନଙ୍କ ଆଶା ପୂରଣ ହୋଇ ପାରୁନଥିବାରୁ ମନରେ ହତାଶ, କ୍ଷୋଭ ପ୍ରକାଶ ପାଉଛି । ବର୍ତମାନ ସମୟରେ ଜନସାଧାରଣ, ଦଳ, ସରକାର ଉପରେ ସବୁବେଳେ ନିର୍ଭର କରନ୍ତୁ ନାହିଁ । ଏ ମହାବିପଦରୁ କେମିତି ବଂଚିବା ସମସ୍ତେ ସକରାତ୍ମକ ଚିନ୍ତା ନେଇ କାର୍ଯ୍ୟକରନ୍ତୁ । ସଂପ୍ରତି ସାମାଜିକ, ସାଂସ୍କୃତିକ ଓ ଧର୍ମୀୟ ଅନୁଷ୍ଠାନରେ ବିଭ୍ରାଟ ମଧ୍ୟ ଦେଖା ଦେଇଛି । ପଛକୁ ଚାହିଁଲେ ଅନ୍ଧାର, ଆଗକୁ ଚାହିଁଲେ ଆଲୁଅ ନୀତିରେ କାର୍ଯ୍ୟ କରିଯିବା ଏକାନ୍ତ ଆବଶ୍ୟକ ।

କରୋନା ମହାମାରୀ ପରିସ୍ଥିତିରେ ଜୀବନର ସ୍ୱାଧୀନତା ଆନ୍ଦୋଳନ ନିହାତି ଜରୁରୀ । କରୋନା ମହାମାରୀକୁ ଜାତିସଂଘ, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱବାଣିଜ୍ୟ ସଂଗଠନ ଅବିଳମ୍ବେ ଆର୍ନ୍ତଜାତୀୟ ବିପତି ଘୋଷଣା କରନ୍ତୁ । ସାରା ଦୁନିଆର ସବୁ ସରକାର ଏକହୁଅ । ବିଶ୍ୱର ଧନକୁବେର ଗୋଷ୍ଠୀ ସ୍ୱଇଚ୍ଛାରେ ତାଙ୍କ ସଂଚିତ ସଂପତିରୁ ଅଧା ଦାନ କରନ୍ତୁ । ସଂପ୍ରତି ବିଶ୍ୱରେ କରୋନା ମହାମାରୀ ତା'ର କରାଳ ରୂପ କାୟାବିସ୍ତାର କରିଚାଲିଛି । ସମଗ୍ର ବିଶ୍ୱରେ ମାସ୍କ, ସାମାଜିକ ଦୂରତା, ସାନିଟାଇଜେସନ୍‌ଏହି ତିନୋଟି ନିଦାନକୁ ସମସ୍ତେ ଆପଣେଇ ନେଉଛନ୍ତି । କରୋନାକୁ ରୋକିବା ପାଇଁ ଯେଉଁ ସବୁ ଭାକ୍ସିନ୍ ବାହାରିଛି ତାହାର ପ୍ରୟୋଗ ଚାଲିଛି । ଅକ୍ସିଜେନ୍ ମଧ୍ୟ ବ୍ୟବହାର କରାଯାଉଛି । ଟୀକା ଓ ଅମ୍ଳଜାନ ବ୍ୟୟବହୁଳ ହୋଇଥିବାରୁ ସବୁ ଦେଶରେ ସମସ୍ତଙ୍କୁ ଏପର୍ଯ୍ୟନ୍ତ ଦିଆଯାଇ ପାରୁନାହିଁ । ପୃଥିବୀରେ ଆମ ଦେଶ ଭାରତବର୍ଷର ଅବସ୍ଥା ଅତ୍ୟନ୍ତ ଭୟଙ୍କର ଆଡକୁ ଗତିକରୁଛି । ଆମେ କେବଳ ଆମ ଦେଶର ଖବର କିଛିକିଛି ପାଉଛେ । ଅନ୍ୟାନ୍ୟ ଦେଶର ସମ୍ବାଦ ବେଶି ପରିବେଷଣ କରାଯାଉନାହିଁ । କିନ୍ତୁ ସାରା ବିଶ୍ୱରେ ସବୁ ଦେଶରେ ଅବସ୍ଥା ଅସମ୍ଭାଳ । ତେଣୁ କରୋନା ମହାମାରୀକୁ ଜାତିସଂଘ, ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅବିଳମ୍ବେ ଆର୍ନ୍ତଜାତୀୟ ବିପତି ଘୋଷଣା କରନ୍ତୁ ।

ଆର୍ନ୍ତଜାତୀୟ ବିପତି ଘୋଷଣା ହେଲେ ସବୁ ଦେଶର ସରକାର ସେମାନଙ୍କ ଅର୍ଥଭଣ୍ଡାର, ଭାକ୍ସିନ୍‌ର ଜ୍ଞାନକୌଶଳ, କଂଚାମାଲ, ଅକ୍ସିଜେନ୍, ଜୀବନ ରକ୍ଷାକାରୀ ଔଷଧ ଖୋଲା ମନରେ ବଂଟନ କରିପାରିବେ । ଯାହା ଫଳରେ ବସୁଧା ଏକ କୁଟୁମ୍ବ ଭଳି ପ୍ରତୀୟମାନ ହେବ । ଏ ସମୟରେ ଆଉ ଲୋଭ, ମୋହ, ମାୟା, ସ୍ୱାର୍ଥ, ହିଂସା, ଦ୍ୱେଷ ତ୍ୟାଗକରି ମଣିଷ ପଶୁପକ୍ଷୀଙ୍କ ଜୀବନ ରକ୍ଷା କରିବା ଏକାନ୍ତ ଆବଶ୍ୟକ ହୋଇପଡିଛି । ଏଥିପାଇଁ ସାରା ଦୁନିଆର ସବୁ ସରକାର ଏକହୁଅ । ବର୍ତମାନ ଜୀବନର ସ୍ୱାଧୀନତା ପାଇଁ ସାଂପ୍ରତିକ ପୃଥିବୀରେ ଯେଉଁ ବିକ୍ଷିପ୍ତ ଜନ ଜୁଆର ଜାଗିଉଠିଛି, ସେହିସମୟରେବିଶ୍ୱର ଧନକୁବେରମାନଙ୍କରସଂପୃକ୍ତି ଆଜିରଚାହିଦା । ସେମାନେ ଏହିଜରୁରୀସମୟରେ ନିଜ ନିଜର ଅପର୍ଯ୍ୟାପ୍ତ ସଂଚୟରୁ ପଚାଶଭାଗ ଏହି ଜୀବନ ବଂଚାଓ ଆହ୍ୱାନରେ ଅକୁଣ୍ଠିତ ଭାବରେ ଅର୍ପଣ କରିଦିଅନ୍ତୁ । ଆଗକୁ କରୋନାର ତୃତୀୟ ଲହର ତା'ର କରାଳ ରୂପ ପ୍ରକଟ କରାଇ ଆମର ଭବିଷ୍ୟତର ପିଢି ଅଭିମୁଖେ ଅଗ୍ରସର ହେବାକୁ ବସିଲାଣି । ଯଦି ସେମାନଙ୍କର ଜୀବନ ସୁରକ୍ଷିତ ନୁହେଁ, ତା'ହେଲେ ଏ ଧନର ସୁରକ୍ଷା କ'ଣ ଏତେ ଜରୁରୀ ? ଧନ ସଂଚି ରଖି ବଂଚିବାକୁ ଚାହୁଁଥିବା ମାନବ ଶିଶୁର ଭବିଷ୍ୟତକୁ ପଦାଘାତ ନକରିବା ପାଇଁ ନମ୍ର ନିବେଦନ ।

+ ଯାଜପୁରରୋଡ, ଯାଜପୁର, ମୋ : ୯୮୬୧୦୩୪୧୬୩

ଧାରାବାହିକ ଉପନ୍ୟାସ

ନାତି

ଭାଗ-୩୧

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏପଟେ ଦୀନନାଥବାବୁ ସକାଳେ ଚୁପ୍‌ଚାପ୍ ନିଜର ନିତ୍ୟକର୍ମ ସାରି କଲେଜ ଚାଲି ଆସିଥିଲେ । ସହକର୍ମୀ ବଂଧୁଗଣ ଅବଶ୍ୟ ତାଙ୍କର ନାତି ହେବା କଥା ଶୁଣିଥିଲେ ଏବଂ ଏ କଥା ଶୁଣିଥିଲେ ବି ନବଜାତକ ଶିଶୁକୁ ନେଇ କୌଣସି ବ୍ୟତିକ୍ରମ କିମ୍ବା ଅସୁବିଧା ଲାଗି ରହିଛି । ଦୀନନାଥ ପହଞ୍ଚିବା ପରେ ତାଙ୍କ ମୁଖରୁ ଏହାର ସତ୍ୟତା ଏବଂ ବିଶଦ ବ୍ୟାଖ୍ୟା ଶୁଣିବାକୁ କେହି କେହି ମନ ବଳେଇଥିଲେ । କିନ୍ତୁ ଦୀନନାଥ ତାହା ସ୍ୱୀକାର କଲେ ବି ବିଶେଷ କିଛି ଅସୁବିଧା ନାହିଁ ଏବଂ ତାହା ଅଚିରେ ଟଳିଯିବ ବୋଲି ସୂଚନା ଦେଇଥିଲେ । 'କାଳଃ କାଳୟତା ମହମ୍' କାଳ ଏବଂ କଳ୍ପନା ସର୍ବଦା ବର୍ଜନୀୟ । ଲୋକମୁଖରେ ତାହା ପ୍ରସାରିତ ହେବା ମଂଗଳପ୍ରଦ ନୁହେଁ ।

କିନ୍ତୁ ତାଙ୍କର ମନର ଅସଲ ସମସ୍ୟାଟି ଗ୍ରନ୍ଥିମୁକ୍ତ ହୋଇଗଲା ଫେରନ୍ତା ବସ୍‌ରେ । ଅପରାହ୍ନରେ କଲେଜରୁ ବାହାରି ବଜାର ଉପକଣ୍ଠରେ ଛିଡ଼ା ହୋଇଥିବା ଏକ ବସ୍ ଭିତରକୁ ଉଠିଗଲେ ସେ । ଝର୍କା ପାଖ ସିଟ୍‌ଟିଏ ଖୋଜି ଖୋଜି ବସ୍‌ର ଶେଷ ମୁଣ୍ଡକୁ ପହଞ୍ଚିଲେ ଏବଂ ସବା ପଛ ପାଞ୍ଚଜଣିଆ ସିଟ୍‌ର ଗୋଟିଏ କଡ଼କୁ ବସି ପଡ଼ିଲେ । ବସ୍ ଛାଡ଼ିବା ଆହୁରି ଚାରିମିନିଟ୍ ବିଳମ୍ବ ଥାଏ । ଦେଖିଲେ ଜଣେ ମଧ୍ୟବିତ୍ତ ପରିବାରର ସ୍ତ୍ରୀ ଲୋକ ଦୁଇଟି ପିଲାଙ୍କୁ ଧରି ପହଞ୍ଚିଲା ଏବଂ ସେହି ସିଟ୍‌ରେ ବସିଲା । ବଡ଼ ପୁଅଟି ତା'ର ବାର ତେର ବର୍ଷର ଏବଂ ସାନ ପୁଅଟି ପାଞ୍ଚ ଛ'ବର୍ଷର । ଦୀନନାଥଙ୍କ ପାଖକୁ ଲାଗି ସେଇ ଦଶବାର ବର୍ଷର ପିଲାଟି ବସିଲା, ତା'ପରେ ତା'ର ମା' ଏବଂ କୋଳରେ ସାନପୁଅ । ବଡ଼ ପିଲାଟିର ବସିବା ଶୈଳୀ, ତା'ର ଚାହାଣୀ ଓ ହାବଭାବରୁ ପିଲାଟି ଅର୍ଟିଷ୍ଟିକ୍ ବୋଲି ଦୀନନାଥଙ୍କର ପ୍ରଥମରୁ ହିଁ ସନ୍ଦେହ ହେଲା ।

ବସ୍ ଛାଡ଼ି ଦେଇଥିଲା । କିନ୍ତୁ ଦୀନନାଥ ନିବିଷ୍ଟ ଭାବେ ଲକ୍ଷ୍ୟ କରୁଥିଲେ ପିଲାକୁ । ହଠାତ୍ ସେ ପିଲାଟି କୁହେଇବା ଆରମ୍ଭ କଲା । ତା'ର ମା' ତାକୁ ଯେତେ ବୁଝାଇଲେ ବି ସେ ବୁଝୁ ନଥିଲା ଏବଂ ଶେଷରେ କହିଲା- "ମୁଁ ତଳକୁ ଯିବି ।"

"ଆମେ ପରା ମାମୁ ଘରକୁ ଯିବା ! ତଳକୁ ଯିବୁ କାହିଁକି ?" ତା'ପରେ ପିଲାଟି ହଠାତ୍ ଲାଜେଇ ଗଲା ଏବଂ ନିଜ ମା'ର ପଣତକାନିଟିକୁ ଆଣି ନିଜର ମୁହଁ ଢ଼ାଙ୍କି ଦେଲା । ଅଧା ପଣତ କାନିକୁ ଟାଣି ନିଜ ମୁହଁରେ ଢାଙ୍କି ଦେବାରୁ ମା'ଟିର ଅସୁବିଧା ହେଲା । ସେ ବିରକ୍ତିରେ ପଣତକାନିକୁ ଟାଣି ନେଇ ନିଜର ଛାତି ଢାଙ୍କି ହେଲେ ।

ଏହାପରେ ପିଲାଟି ଅଦ୍ଭୁତ ଭାବେ କାନ୍ଦିବା ଆରମ୍ଭ କଲା । ଏଥିରୁ ନିବୃତ୍ତ କରିବା ପାଇଁ ମା'ଟି ଦଶଟଂକିଆ ନୋଟ୍‌ଟିଏ ତା' ହାତକୁ ବଢ଼େଇ ଦେଲା । ପିଲାଟି ଚୁପ୍ ହେଲା । କିଛି ସମୟ ଟଂକାଟିକୁ ଏପଟ ସେପଟ ବୁଲେଇ ଦେଖିବାବୁ ଲାଗିଲା । କହିଲା -

"କେତେ ଟଂକା ?"

"ଦଶ ଟଙ୍କା ।"

"ନାଇଁ ମୋତେ ପାଞ୍ଚ ଟଂକା ଦେ ।" - କହିଲା ଏବଂ ଟଂକାଟିକୁ ଝର୍କା ଦେଇ ଫୋପାଡ଼ି ଦେଉଁ ଦେଉଁ ଦୀନନାଥ ଧରି ପକେଇଲେ । ଟଂକାଟି ତାକୁ ନ ଦେଇ ତା'ର ମା' ହାତକୁ ବଢ଼େଇ ଦେଲେ । ପୁଣି ସେ ଟଂକାଟି ତା' ପାଖରୁ ଛଡ଼େଇ ନେବାକୁ ପ୍ରୟାସ କଲା ପିଲାଟି ଏବଂ ପାଞ୍ଚଟଂକା ଦେ' ବୋଲି ଜିଦ୍ କଲା ।

ପ୍ରକୃତ ତା' ମା' ପାଖରେ ପାଞ୍ଚଟଙ୍କା ନୋଟ୍ ନଥିଲା । କିନ୍ତୁ ସେ ପାଞ୍ଚଟଂକାର ନୋଟ୍ ଚାହୁଁଥିଲା ଏବଂ ଜିଦ୍ କରୁଥିଲା ।

ଯୋଗକୁ ପାଞ୍ଚ ଟଙ୍କିଆ ନୋଟ୍ ଖଣ୍ଡେ ଦୀନନାଥଙ୍କ ପକେଟରେ ଥିଲା । ସେଇଟିକୁ ବାହାର କରି ସେ ପିଲାଟିକୁ ଦେଲେ । ଅତ୍ୟନ୍ତ ଆଗ୍ରହ ଏବଂ ଆନନ୍ଦରେ ସେ ନୋଟ୍ ଖଣ୍ଡିକ ତାଙ୍କ ହାତରୁ ଏକପ୍ରକାର ଓଟାରି ନେଲା ।

ପାଞ୍ଚ ଟଂକିଆ କଏନ୍‌ଟିଏ ତା'ର ମା' ଦୀନନାଥଙ୍କୁ ଫେରାଇବାକୁ ଚାହିଁଲା । କିନ୍ତୁ ଦୀନନାଥ ବାରଣ କଲାରୁ ସେ କ୍ଷାନ୍ତ ହେଲେ ।

"ପିଲାଟି କ'ଣ ଅର୍ଟିଷ୍ଟିକ୍ ?" - ଦୀନନାଥ ପିଲାର ମା'ଟିକୁ ପଚାରିଲେ ।

ମା'ଟି ଏବେ ସିଧାକରି ଦୀନନାଥଙ୍କ ମୁହଁକୁ ଚାହିଁଲା । ସଂଗେ ସଂଗେ ତା'ର ଆଖିଯୋଡ଼ିକ କରୁଣତାରେ ଭରିଗଲା ।

"ହଁ, ଜମ୍ବୁରୁ ।" - କହିଲା ମା'ଟି ।

ଏହି ଶବ୍ଦଟି ସହିତ ବେଶ୍ ପରିଚିତ ଥିଲା ମା'ଟି । ଦୀନନାଥ ଉତ୍ସାହିତ ହୋଇ ପଚାରିଲେ -

"ଏ ପିଲାର ଜନ୍ମ କେଉଁଠି ହୋଇଥିଲା ?"

"ଭଦ୍ରକର ଏକ ନର୍ସିଂହୋମ୍‌ରେ । ଜନ୍ମପରେ ଆଦୌ କାନ୍ଦିଲା ନାହିଁ । ପୁଣି ତାକୁ କଟକ ନିଆଗଲା । ଶିଶୁ ଭବନରେ ବାଇଶ ଦିନ ରହିଲା । ଅଥଚ କାନ୍ଦିଲା ନାହିଁ । ପ୍ରାୟ ତିନିମାସ ପରେ ଅଳ୍ପ ଅଳ୍ପ କାନ୍ଦିଲା । ଚାଲିଲା ବି ଡେରିରେ । ମୂଳରୁ ବି ଡାକ୍ତର ଆଶଂକା କରିଥିଲେ ଅର୍ଟିଷ୍ଟିକ୍ ବୋଲି । ଏବେ ସେ କିଛି କଥା ଜାଣିପାରୁନି । ଶାରୀରିକ ବୃଦ୍ଧି ଘଟିଥିଲେ ବି ମାନସିକ ଅନଗ୍ରସର ରହିଛି । ଡାକ୍ତର କହିଲେ କାଲ୍‌ସିୟମ୍ ଅଭାବରୁ ଏମିତି ହେଲା । ଦୀନନାଥଙ୍କର ରାସ୍ତା ସରି ଆସିଥିଲା । ନିର୍ଦ୍ଦିଷ୍ଟ ଷ୍ଟପ୍‌ରେ ସେ ଓହ୍ଲେଇ ଗଲେ । ଆଉ ଭାବୁଥିଲେ ନାତି କଥା । ନାତି ତାଙ୍କର ଏମିତି ହୋଇନାହିଁ ନିଶ୍ଚୟ । ସେ ମୂଳରୁ ଅଳ୍ପ ଅଳ୍ପ କାନ୍ଦିଥିଲା । ଆଉ ଚବିଶ ଘଣ୍ଟା ପରେ ସଂପୂର୍ଣ୍ଣ ଭଲଭାବେ ଅଢ଼େଇଘଣ୍ଟା କାଳ କାନ୍ଦିଛି ।"

ସେ ଆଶ୍ୱସ୍ତ ଥିଲେ । ଶୁଭଦା ପାଖକୁ ଫୋନ୍ ଲଗେଇଲେ କଥା ହେବେ ବୋଲି ।

ଘରେ ପହଞ୍ଚି ସଂଧ୍ୟାରେ ଯାଇଥିଲେ ନର୍ସିଂହୋମ୍, ଶୁଭଦା ପାଖକୁ । ସେତେବେଳେ ସେ ରୁମ୍ ଭିତରେ ପଦଚାରଣ କରୁଥିଲା, ଯାହା ଦୀନନାଥଙ୍କୁ ବିସ୍ମିତ କଲା ।

"ନ ଶୋଇ ଏମିତି ବୁଲୁଛୁ ଯେ ?"

"ମାଡ଼ାମ୍ କହିଥିଲେ ସଂଧ୍ୟାବେଳେ ରୁମ୍ ଭିତରେ ଟିକେ ଚାଲବୁଲ୍ ହେବାକୁ । ସେଇଥିପାଇଁ ତୁମେ ଆସିବା ପୂର୍ବରୁ ମୁଁ ଟିକେ ପଦଚାଳନା କରୁଥିଲି ।" - ଶୁଭଦା କହିଲା । ମୁହଁରେ କଷ୍ଟଜନିତ ଶୁଖିଲା ହସ । ପଚାରିଲା -

"କଲେଜ୍‌ରୁ କେତେବେଳେ ଆସିଲ ?"

"ଏଇତ ଆସୁଛି । ଅର୍ଦ୍ଧ ଉଚ୍ଚାରିତ ସ୍ୱରରେ କହିଲେ ଦୀନନାଥ ।"

"ଘରକୁ ଯାଇନ ? ଆଉ ପୁଅ ପାଖକୁ ?"

"ଘରୁ ହୋଇ ଏଠିକି ଆସିଛି, ତୋ ପାଖକୁ। ଏଠାରୁ ଯିବି ନାତି ପାଖକୁ, ମେଡ଼ିକାଲ୍ ।"

ଶୁଭଦା ବାପାଙ୍କୁ ଆଉ କିଛି ପଚାରିବ ପଚାରିବ ହେଉଥିଲା । ଅଥଚ ପଚାରି ପାରିଲା ନାହିଁ । ଅନ୍ୟମନସ୍କ ଭାବେ ପଦଚାରଣ କରୁକରୁ ବେବୀ ଝୁଲଣା ପାଖରେ ଅଟକିଗଲା । ସ୍ୱଭାବତଃ ତା' ଡାହାଣ ହାତ ଉଠିଗଲା ଝୁଲଣା ଉପରକୁ ଏବଂ ସେଇଟିକୁ ଦୁଇଥର ଝୁଲେଇଲା ଯେମିତି ପୁଅ ତା'ର ଶୋଇଛି ଝୁଲଣାରେ ଏବଂ ସେ ତାକୁ ଝୁଲେଇ ଦେଉଛି ।

ଏ କଥାକୁ ଶାଶୁ ଭାଗ୍ୟବତୀ ଦେବୀ ଦେଖିଲେ ହୁଏତ । ଏଣୁ ସେ ଅଧିକ ବିମର୍ଷ ହୋଇ ପଡ଼ିଲେ । ପରିସ୍ଥିତିକୁ ହାଲୁକା କରିନେଲେ ଦୀନନାଥ । ପ୍ରସଂଗ ବଦଳେଇ ପଚାରିଲେ -

"ଆଜି ଦ୍ୱିପ୍ରହରରେ ଶୁଭଦା କ'ଣ ଖାଇଲା ?"

"ଅଳ୍ପଟିକେ ଭାତ ଖାଇଛି । ତା' ସହିତ ଡାଲି ଆଉ ସନ୍ତୁଳା, ରାତିକୁ ରୁଟି ଆଉ ସନ୍ତୁଳା ଖାଇବାକୁ କହିଛନ୍ତି ଡାକ୍ତରାଣୀ ।" ସମୁଦୁଣୀ ଉତ୍ତର ଦେଲେ ।

"ଜୀତେଶ କିମ୍ବା ଲିପୁ ରାତିରେ ନେଇ ଆସିବେ । ଭବେଶ ଘରକୁ ପଳେଇବେ।" - କହିଲେ ଦୀନନାଥ ।

ପ୍ରାୟ ଅଧଘଣ୍ଟାଏ କାଳ ଦୀନନାଥ ରହିଲେ ନର୍ସିଂହୋମ୍‌ରେ । ଭିନ୍ନ ଭିନ୍ନ ପ୍ରସଂଗରେ କଥା ପକେଇ ପରିସ୍ଥିତିକୁ ହାଲୁକା କରିବା ପାଇଁ ଉଦ୍ୟମ ଚଳେଇଥିଲେ । ଅବଶେଷରେ ଡାକ୍ତରଖାନାରେ ନାତି ପାଖକୁ ଯିବେ ବୋଲି କହି ଉଠି ଆସିଲେ ।

ଆସିଲା ବେଳେ ସେ ଆଶ୍ୱସ୍ତ ଥିଲେ ଯେ, ଶୁଭଦା ଏବେ ସୁଦ୍ଧା ଜାଣିଛି ଯେ ପୁଅ ତା'ର ଏଇଠି ମେଡ଼ିକାଲ୍‌ରେ ଅଛି । ଦିନେ ଦୁଇ ଦିନ ପରେ ଠିକ୍ ହୋଇଗଲେ ତା' ପାଖକୁ ଫେରି ଆସିବ ।

ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨

ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହ

ଚିନ୍ତା ଅନୁଚିନ୍ତା (୧୨)

ଘର ଭିତରର ପ୍ରଦୂଷଣ ଜୀବନ ଧାରଣ ପାଇଁ ମାରାତ୍ମକ

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।

ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ଦିନକୁ ଦିନ ଆମ ବାୟୁମଣ୍ଡଳ ପ୍ରଦୂଷଣର ଉତ୍କଟ ରୂପ ଧାରଣ କରିବାକୁ ଯାଉଛି । ଶିଳ୍ପାୟନର ଦ୍ରୁତ ଅଭିବୃଦ୍ଧି ସହ ପ୍ରତ୍ୟହ ଡିନାମାଇଟ୍ ଯୋଗେ ପାହାଡ଼ ଫଟା ଯାଉଛି । ଫଳରେ ଧୂଳି ଓ ଧୂଆଁର ଆସ୍ତରଣ ବାୟୁମଣ୍ଡଳରେ ଭରି ଯାଉଛି । ଜଙ୍ଗଲ ହ୍ରାସ ପାଉଛି । ଚାଷଜମିରେ ଛିଡ଼ା ହେଉଛି କଂକ୍ରିଟ୍‌ର ଜଙ୍ଗଲ । ନୂତନ ବୃକ୍ଷରୋପଣ ନାହିଁ କହିଲେ ଚଳେ । ଅତୀତର ବଡ଼ ପୋଖରୀ ଆଉ ନାହିଁ । ଭୂମି ତଳରୁ ପାଣି ଉତ୍ତୋଳନ କରି କ୍ରମଶଃ ଭୂତଳକୁ ଫମ୍ପା କଲୁଣି । ଏହାର ପ୍ରତିକ୍ରିୟାରେ ନିୟମିତ ବର୍ଷା ହେଉନାହିଁ କି ଠିକ୍ ସମୟରେ ଛଅଋତୁକୁ ଅନୁଭବ କରିବା ସମ୍ଭବ ହେଉନାହିଁ । ଏବେ ମୁଖ୍ୟତଃ ଗ୍ରୀଷ୍ମ, ବର୍ଷା, ଶୀତ ଏଇ ତିନି ଋତୁର ଅନୁଭବ ଅଧିକ ପାଉଛୁ । ଗ୍ରୀଷ୍ମର ଅନୁଭବ ସର୍ବାଧିକ । ଏଭଳି ଋତୁ ପରିବର୍ତ୍ତନ ଜନଜୀବନ ପାଇଁ ଆଦୌ ଶୁଭଙ୍କର ନୁହେଁ । ପୁଣି ବାୟୁମଣ୍ଡଳରେ ଭରି ଯାଉଛି ନାନା ରାସାୟନିକ ସାର ଏବଂ ଔଷଧ ପ୍ରୟୋଗରୁ ସୃଷ୍ଟ କଣିକା । ତେବେ ବାୟୁମଣ୍ଡଳ ବ୍ୟତିରେକେ ଆଭ୍ୟନ୍ତରୀଣ କ୍ଷେତ୍ରରେ ଯେଉଁ ପ୍ରଦୂଷଣ ସୃଷ୍ଟି ହେଉଛି ତାହା ଜୀବନଧାରଣ ପାଇଁ ଅଧିକ ମାରାତ୍ମକ ସାବ୍ୟସ୍ତ ହେଲାଣି । ଅର୍ଥାତ୍ ଘର ଭିତରର ପ୍ରଦୂଷଣ ଶ୍ୱାସକ୍ରିୟା ଉପରେ ଗଭୀର ପ୍ରଭାବ ପକାଉଛି । ଏପରିକି ହୃଦଘାତ, କର୍କଟ, ଯକ୍ଷ୍ମା ଆଦି ରୋଗ ସୃଷ୍ଟି କରାଉଛି । ଏହାର ଅଧିକ ପ୍ରତିଫଳନ ମେଟ୍ରୋ ସହରେ ଘଟୁଛି । ଘର ଭିତରର ବାୟୁ ଅଧିକ ପ୍ରଦୂଷିତ ହେଉଛି । ଘରେ ରୋଷେଇ ସମୟରେ ଯେଉଁ ବାୟୁ ନିର୍ଗତ ହୁଏ ତାହା ଫୁସ୍‌ଫୁସ୍‌କୁ କ୍ଷତିଗ୍ରସ୍ତ କରାଏ । ଏଣୁ ରୋଷେଇ ଧୂଆଁ ଯେଭଳି ଘର ଭିତରକୁ ପଶି ନ ପାରେ ସେଦିଗରେ ଯତ୍ନଶୀଳ ହେବା ଜରୁରି ଅଟେ । ଅନ୍ୟପକ୍ଷରେ ଘରେ ଜଳା ଯାଉଥିବା ଧୂପବତି, ମଶାଧୂପର ଧୂଆଁ ଖୁବ୍ ମାରାତ୍ମକ । ବନ୍ଦ କୋଠରି ଭିତରେ ଏହି ଧୂଆଁ ରହି କଣିକାର ସ୍ତର ୭୭ପ୍ରତିଶତ ମାଇକ୍ରୋଗ୍ରାମ୍‌କୁ ବଢ଼ାଇ ଦିଏ । ଯାହା ସ୍ୱାସ୍ଥ୍ୟପକ୍ଷେ ହାନିକାରକ ହୋଇଯାଏ । ମଶାଧୂପ ଲଗାଇ ବନ୍ଦକୋଠରିରେ ଶୋଇବା ଫଳରେ କେତେଙ୍କର ମୃତ୍ୟୁର ଦୃଷ୍ଟାନ୍ତ ରହିଛି । ରୋଷେଇଘରର ଧୂଆଁ ଓ ବାଷ୍ପ ପାଇଁ ପ୍ରତି ସେକେଣ୍ଡରେ ଜଣେ ମୃତ୍ୟୁମୁଖକୁ ଚାଲି ଯାଉଛନ୍ତି ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏକ ସର୍ଭେ ରିପୋର୍ଟରେ କହିଛନ୍ତି ।

ସବୁଠୁ ଚିନ୍ତାଜନକ ବିଷୟ ଘର ଭିତରେ ହିଁ ଅଧିକ ସମୟ କଟାନ୍ତି ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତିମାନେ । ଏମାନେ ଖୋଲାସ୍ଥାନର ମୁକ୍ତ ବାୟୁକୁ ଅଧିକ ଆସନ୍ତି ନାହିଁ । ଯାହାଫଳରେ ସ୍ୱାସ୍ଥ୍ୟାବସ୍ଥାରେ ବିଘଟନ ଘଟେ । ଫୁସ୍‌ଫୁସ୍ ଜନିତ ସମସ୍ୟା ଏମାନଙ୍କଠାରେ ଅଧିକ ପରିଲକ୍ଷିତ ହୁଏ । ଗ୍ରାମାଞ୍ଚଳର ଅବସ୍ଥା ସହରାଞ୍ଚଳଠାରୁ ଯଥେଷ୍ଟ ଭଲ ଥିଲେ ବି ଏବେ କାଠଚୁଲି ଛାଡ଼ି ଗାଁମାନଙ୍କର ଘରେଘରେ ଗ୍ୟାସଚୁଲାର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି । ତେବେ ରୋଷେଇ ସମୟର ଧୂଆଁ ଓ ବାଷ୍ପର ସୁପରିଚାଳନା ଦିଗରେ ସେଠାରେ ବି ଧ୍ୟାନ ଦେବା କଥା । ଘର ଭିତରର ପ୍ରଦୂଷଣ ରୋକିବା ପାଇଁ ସହରାଞ୍ଚଳରେ ଅଧିକ ଧ୍ୟାନ ଦେବା ସହ ଗ୍ରାମାଞ୍ଚଳରେ ବି ଧ୍ୟାନ ଦେବାର ସମୟ ଉପନୀତ । ବିଶେଷକରି ଘର ଭିତରେ ଧୂଆଁ ଉଭୟ ରୋଷେଇ ଏବଂ ଧୂପବତି ଓ ମଶାଧୂପର ଯେମିତି ନ ରହେ ସେ ଦିଗରେ ଯଥେଷ୍ଟ ଧ୍ୟାନ ଦେବାକୁ ପଡ଼ିବ ।

ମଣିଷର ଦୀର୍ଘଜୀବୀ ହୋଇ ରହିବାର ମୂଳଭିତ୍ତି ହେଲା ନିରୋଗର ଜୀବନଧାରଣ । ଏ ଦିଗରେ ଅଧିକ ସଚେତନତା ଦରକାର ପଡ଼ିଲାଣି । ବିଶେଷତଃ ବାହ୍ୟ ବାୟୁମଣ୍ଡଳର ପ୍ରଦୂଷଣ ରୋକିବା ଦିଗରେ ଯେଭଳି ସମସ୍ତେ ଚିନ୍ତା କରୁଛନ୍ତି ଓ ପ୍ରତିକାର ବିଧାନ ପାଇଁ ଯୋଜନା ପ୍ରସ୍ତୁତିରେ ଲାଗିଛନ୍ତି ତା'ଠୁଁ ବଳି ଅଧିକ ସଚେତନତା ନିଜ ଭିତରେ ଆସିବା ଦରକାର ଘରର ଆଭ୍ୟନ୍ତରରେ । ଯେଉଁ ପ୍ରଦୂଷଣ ଅହରହ ଘଟୁଛି ତା'ର କିଭଳି ନିରାକରଣ ହେବ ।

ଆମକୁ ଆମର ଧାର୍ମିକ, ସାମାଜିକ ବା ସାଂସ୍କୃତିକ ଦୃଷ୍ଟିକୋଣରୁ ପୂଜାପାଠ ନାମରେ ଧୂପ, ଝୁଣା ଧୂଆଁର ଅଧିକ ବ୍ୟବହାରକୁ କମାଇବାକୁ ପଡ଼ିବ । ଏହାକୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ନେଇ ସକାରାତ୍ମକ ମନୋଭାବ ପୋଷଣ କରିପାରିଲେ ଏହାର ସୁଫଳ ପାଇପାରିବୁ । ମଶାରି ନିୟମିତ ବ୍ୟବହାର ମଶା ଦାଉରୁ ସୁରକ୍ଷା ଦେବ । ପୁନଶ୍ଚ ଧୂମ୍ରପାନ ଜନିତ ନିର୍ଗତ ଧୂଆଁ ଖୁବ୍ ମାରାତ୍ମକ ହୋଇଥିବାରୁ ଏଥିରୁ ସଂପୂର୍ଣ୍ଣ ନିବୃତ୍ତ ରହିବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ଘରେ ଯେଭଳି ବାୟୁ ଚଳାଚଳ ସଠିକ୍ ଭାବେ ଘଟି ପାରିବ ସେ ଦିଗରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ । ଘର ଭିତରେ ରୋଷେଇଠାରୁ ପୂଜାପାଠ ଏବଂ ନିଜ ନିଜ ଭିତରେ ନିଃଶ୍ୱାସରେ ନିର୍ଗତ ବାୟୁକୁ ଚଳାଚଳ ପାଇଁ ଉପଯୁକ୍ତ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ଘର ଭିତରର ବାୟୁକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ଯତ୍ନଶୀଳ ନ ହେଲେ ତାହା ରୋଗ ସୃଷ୍ଟିର କାରଣ ହୋଇଯିବ ।

ଦିଲ୍ଲୀ, ଚେନ୍ନାଇ, ମାଡ୍ରାସ୍, କଲିକତା, ମୁମ୍ବାଇ ଭଳି ବଡ଼ବଡ଼ ସହରର ଘର ଭିତରର ପ୍ରଦୂଷଣକୁ ଅନୁଧ୍ୟାନ ପରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଯେଉଁ ମତ ରଖିଛନ୍ତି ତାହା ଅଧିକ ପ୍ରଣିଧାନଯୋଗ୍ୟ । ତାଙ୍କ ମତରେ ରନ୍ଧା ସମୟରେ ନିର୍ଗତ ହେଉଥିବା ବାୟୁ ହେତୁ ୨୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଯୁବକ ଯୁବତୀଙ୍କ(୫୦ପ୍ରତିଶତ) ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇ ଯକ୍ଷ୍ମାରୋଗ ସୃଷ୍ଟି ହେଉଛି । ସେହିଭଳି ଡବ୍ଲିଓ ବା ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ରୋଷେଇ ଘରୁ ନିର୍ଗତ ଧୂଆଁ ଓ ବାଷ୍ପରେ ପୀଡ଼ିତ ହୋଇ ବିକାଶଶୀଳ ରାଷ୍ଟ୍ରରେ ବର୍ଷକୁ ୧୫ଲକ୍ଷରୁ ଊର୍ଦ୍ଧ୍ୱଲୋକଙ୍କର ଜୀବନ ହାନି ଘଟୁଛି ।

ଆମ ଦେଶର ରାଜଧାନୀ ଦିଲ୍ଲୀର ଅବସ୍ଥା ଅନେକ ସମୟରେ ସଙ୍ଗିନ୍ ହୋଇଉଠିଥାଏ । ତା'ର କାରଣକୁ ଅନୁଧ୍ୟାନ କରାଯିବା ପରେ ଜଣାପଡ଼ିଥିଲା ଯେ ସେଠାକାର ରୋଷେଇଘର ପ୍ରଦୂଷଣ ମାତ୍ରା ଖୁବ୍ ଉତ୍କଟ । ପୁନଶ୍ଚ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଦିଗରେ ଧ୍ୟାନ ନ ଦେବା ହେତୁ ଏଣେତେଣେ ପଡୁଥିବା ବର୍ଜ୍ୟବସ୍ତୁରୁ ନିର୍ଗତ ଜୀବାଣୁ ସମୂହ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ସମସ୍ୟା ଆଣୁଛନ୍ତି ।

ସମୟ ଆସିଛି, ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ଯାଏଁ ପ୍ରତ୍ୟେକ ବ୍ୟକ୍ତି ଘର ଭିତରରେ ସୃଷ୍ଟ ପ୍ରଦୂଷଣକୁ ରୋକିବା ଦିଗରେ ଅଧିକ ଯତ୍ନବାନ୍ ନ ହେଲେ ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଉତ୍କଟ ହୋଇ ନିୟନ୍ତ୍ରଣର ବାହାରକୁ ଚାଲିଯିବ ।

ଭ୍ରଷ୍ଟାଚାର ମୁକ୍ତ ଭାରତ ଗଠନର ବେଳ

■ **ଶରତ କୁମାର ରାଉତ**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଅବଶ୍ୟ ବିଶ୍ୱବାସୀଙ୍କ ଚିନ୍ତାଧାରା ଅନୁଯାୟୀ ପାକିସ୍ତାନ ଓ ଚୀନ୍ ସହ ଆମର ଉତେଜନା ମୂଳକ ସଂପର୍କ ଦୁର୍ଭାଗ୍ୟଜନକ । ଅର୍ଥାତ୍ ଆମେ ସମସ୍ତଙ୍କୁ ହରେଇ ନିଜ ଠାରୁ ହାରୁଛେ । ତଥାପି ସବୁକିଛି ହରେଇ ଭାରତ ଚୀନ୍ ଓ ପାକିସ୍ତାନ ପ୍ରତି ଯେଭଳି ଧୈର୍ଯ୍ୟପୂର୍ବକ ବ୍ୟବହାରର ପରିଚୟ ପ୍ରଦାନ କରିଚାଲିଛି, ତାହାହିଁ ଶାଶ୍ୱତ ମୂଲ୍ୟ, ଯାହାକୁ ଦିନେନା ଦିନେ ବିଶ୍ୱବାସୀ ନିଶ୍ଚୟ ଗୁରୁତ୍ୱ ଦେବେ ।

ଭାରତୀୟ ଗଣତନ୍ତ୍ରକୁ ଏବେ କଠୋର ସତ୍ୟର ସପକ୍ଷବାଦୀ ହେବାକୁ ପଡିବ । ନଚେତ୍ ଜନମତ ଓ ଜନସ୍ୱାର୍ଥ ସହ ଖେଳୁଥିବା ଭ୍ରଷ୍ଟ ରାଜନୀତିଜ୍ଞ ମାନଙ୍କୁ ବେଶି ସମୟ ପର୍ଯ୍ୟନ୍ତ କ୍ଷମା କରାଯାଇ ପାରିବ ନହିଁ । ଦେଶର ସୀମାନ୍ତ ଅଂଚଳରେ ଯେଭଳି ଅବସ୍ଥା ସୃଷ୍ଟି ହୋଇଛି ଓ ଦେଶ ଭିତରେ ନକ୍ସଲ୍ ଉତ୍ପାତ ଯେଭଳି ପ୍ରକାଣ୍ଡ କାୟା ବିସ୍ତାର କରି ଚାଲିଛି, ଗଣତନ୍ତ୍ରର ପୁନଃ ମୂଲ୍ୟାୟନର ଅନିବାର୍ଯ୍ୟ ଆବଶ୍ୟକତା ଅନୁଭବ ହେଉଛି । ଦୁର୍ନୀତି, ଭ୍ରଷ୍ଟାଚାର, ବେଆଇନ କାର୍ଯ୍ୟ, ଶୋଷଣ ଆଦି ବିରୋଧରେ ଦେଶରେ ଆଜି ଯେଭଳି ଜନ ବିରୋଧର ସ୍ୱର ଶୁଭୁଛି, ତାହାକୁ ଭାରତୀୟ ଜନ ଆନ୍ଦୋଳନର ସୂର୍ଯ୍ୟୋଦୟ କୁହା ଯାଇପାରେ । ଧୀରେ ଧୀରେ ଦେଶର ଭ୍ରଷ୍ଟନେତା ମାନେ ଲୋକଲୋଚନକୁ ଆସିବା ନିଶ୍ଚିତ ମନେ ହେଉଛି । ତଥାପି ସରକାରଙ୍କୁ କୌଣସି ପ୍ରକାର ଦେଶର ପବିତ୍ର ସମ୍ବିଧାନ ଓ ଗଣତନ୍ତ୍ରର ଗୌରବ ଅକ୍ଷୁର୍ଣ୍ଣ ରଖିବାକୁ ହେବ ।

(ସମାପ୍ତ)

+ ଓଡ଼ିଶା ନ୍ୟୁଜ୍ ସର୍ଭିସ,
ଭୁବନେଶ୍ୱର,
(ମୋ)୯୩୩୭୩୬୯୪୪୮

ପ୍ରେମରେ ପ୍ରେମରେ ଗୀତି ....(୫)

■ **ବିପିନ ମହାନ୍ତି**

▲ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

।। ଭଲ ଲାଗେ ମୋର ଗାଆଁ ।।

ତୋ' ସହରେ ତୁ ଯେମିତି ଅଛୁ ଲୋ
ସେମିତି ଭଲରେ ଥାଆ,
ମୁଁ ତ ମାମୁଲି ଗାଉଁଲି ମଣିଷ
(ମୋତେ) ଭଲ ଲଗେ ମୋର ଗାଆଁ ।

ଭଙ୍ଗା ଚାଳ ଦେଇ ନିଇତି ମୋ' ଘରେ
ଜହ୍ନ କରେ ଆତଯାତ,
ମୋ' ଓଳି ପାଣିରେ ଶ୍ରାବଣର ଶୁଭେ
କେତେ ଯେ ବିରହ ଗୀତ,
ତୋ' ସହରେ ପ୍ରେମ ଲାଗେ ଲୋ ଅଜବ
ଏକ ଉପେକ୍ଷିତ ନାଆଁ ।

ଇଜିମାଲିରେ ତୋ' ସହରେ ପ୍ରେମ
କେତେହୁଏ କିଣା ବିକା,
ମୋ' ଗାଆଁରେ ଏଠି ପ୍ରେମ ସ୍ଥିତିବାନ
ସାତଜନ୍ମ ପାଇଁ ଲେଖା,
କାଚ କେନ୍ଦୁପରି ମୋ' ଗାଆଁର ମନ
ତୋ' ସହରେ ଦଗାଦିଆ ।

...କଥା କିଞ୍ଚିତ...

ଲେଖକଟି ସ୍ୱପ୍ନଭୁକ୍ ହୋଇଥିଲେ ବି ସେ ସାମାଜିକ ପ୍ରାଣୀ,ତେଣୁ ସାମାଜିକ ସମସ୍ୟା ବିଚାରଧାରା ତଥା ସମ୍ଭାବନାର ସ୍ରଷ୍ଟାର ଦାୟିତ୍ୱ ସେ ନେଇଥାଏ । ତାର ଭାବନା ପ୍ରସାରିତ ହୋଇ ସାମାଜିକ ଜୀବନକୁ ମୁଖରିତ କରିଥାଏ । ସାହିତ୍ୟର ଉଦ୍ଦେଶ୍ୟ ଜୀବନକୁ ଅଧିକରୁ ଅଧିକ ସୁନ୍ଦର ଓ ଅନନ୍ଦମୟ କରିବା । ତେଣୁ ଲେଖକ ନିଜ ଯୁଗ, ନିଜ ସମୟ, ସମାଜ ପରିସ୍ଥିତିକୁ ଉପେକ୍ଷା କରି ସ୍ୱପ୍ନର ଆକାଶରେ କେବଳ ବିଚରଣ କରେ ନାହିଁ, ବାସ୍ତବତାକୁ ଆଡେଇ ଯାଏନାହିଁ । ସେ ନିଜେ ସମାଜର ମୁଖ ଓ ମସ୍ତିଷ୍କ ଉଭୟ ସ୍ଥିତିରେ ଥାଏ । ତେଣୁ ସାହିତ୍ୟକୁ କଳ୍ପନାର କ୍ରୀଡାକ୍ଷେତ୍ର କୁହାଗଲେ ହେଁ କଳ୍ପନାର କୌଣସି ନା କୌଣସି ଆଧାର ଅବଶ୍ୟ ଥାଏ । ଏ କଳ୍ପନା କେବଳ ଶୂନ୍ୟର ଆଧାର ନେଇ ସ୍ୱପ୍ନ ମହଲ ଗଢେନାହିଁ । ସ୍ୱପ୍ନର ଆଧାର ବାସ୍ତବିକ ଜଗତ ଓ ସମାଜ ଭିତ୍ତି ଉପରେ ଥାଏ । ତେଣୁ ଲେଖକ ଭାବବାଦୀ ହେଲେ ବି ଯୁଗସମସ୍ୟା ଯୁଗଯନ୍ତ୍ରଣାକୁ ଉପେକ୍ଷା କରି କେବେ କୃତ୍ରିମ ଓ ମିଛଲେଖା ଲେଖିପାରେ ନାହିଁ । ସେ ବାସ୍ତବ ଜୀବନରେ ଧୂସର ମାଟିକୁ ପରଖେ, ଜୀବନ ସଂଘର୍ଷର ରାଜରାସ୍ତାରେ ଭେଟେ ଅସୁମାରୀ ଚରିତ୍ରମାନଙ୍କୁ, ସେମାନଙ୍କ ଦୁଃଖ, ଦୁର୍ଦ୍ଦଶା ଓ ଦୁର୍ଭାଗ୍ୟ ସହିତ ଏକାକାର ହୋଇଯାଏ । ସେମାନଙ୍କ ବେଦନା ପୀଡିତ ହାହାକାର ସହିତ ନିଜ ସ୍ୱରକୁ ମିଶେଇ ଥାଏ । ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭିଚାର, ବିଶ୍ୱାସଘାତକତାର ଦୁଃସ୍ଥିତି ଭିତରେ ବଞ୍ଚୁଥିବା ମଣିଷମାନଙ୍କୁ ଦେଖିଲେ ଆଲୋଡିତ ହୁଏ, ଆତ୍ମପୀଡନରେ ଘାରିହୁଏ । ସଚରାଚର ମଣିଷ ସମ୍ପର୍କରେ ଥିବା ତାର ସଂସ୍କାରଗତ ପାରମ୍ପରିକ ଅବବୋଧର ବ୍ୟତିକ୍ରମରେ ମଣିଷର ଭିନ୍ନଭିନ୍ନ ରୂପ ତାକୁ ବିଷର୍ଣ୍ଣ ଓ ବ୍ୟଥିତ କରେ । ମଣିଷ ଯେଉଁ ଜୀବନ ବଞ୍ଚୁଛି ଓ ଯେଉଁଭଳି ଭାବରେ ବଞ୍ଚୁଛି ତାହା ଯଥେଷ୍ଟ ନୁହେଁ, ମଣିଷକୁ ଏକଥା ସ୍ମରଣ କରେଇ ଦେବାକୁ ସେ କଲମ ଧରିଥାଏ ।

ରବି ପଣ୍ଡା
ଭୁବନେଶ୍ୱର, (ମୋ) ୯୪୩୭୨୭୫୮୦୮



।। ଏକ ଲାହୋରୀ ସନ୍ଧ୍ୟା ।।

ସର୍ଦ୍ଦାର ନଭତେଜ୍ ସିଂହ
(୧୯୨୫-୧୯୮୧)

ହିନ୍ଦୁ, ଶିଖ୍, ମୁସଲମାନ ଧର୍ମାବଲମ୍ବୀ ମାନଙ୍କ ଭିତରେ କ'ଣ ପ୍ରକୃତରେ କିଛି ଫରକ୍ ଅଛି ? ଶରୀର ଗଠନ, କୋଷ କିମ୍ବା ଗୁଣସୂତ୍ର ଏସବୁରେ କ'ଣ ଭିନ୍ନତା ପରିଲକ୍ଷିତ ହୁଏ ? ତେବେ ଏମିତି କାହିଁକି ପରିସ୍ଥିତି ସୃଷ୍ଟି କରିଦିଆଗଲା ଯେ ଗୋଟେ କୋଠରୀରେ, ଗୋଟେ ଖଟରେ ଶୋଉଥିବା ଦୁଇବନ୍ଧୁଙ୍କର ଗୋଟେ ଦେଶରେ ବି ରହିବା ଅସମ୍ଭବ ହୋଇପଡ଼େ ? ପରିସ୍ଥିତି ବନ୍ଧୁଦ୍ୱୟଙ୍କୁ ଦୁଇଟି ଭିନ୍ନ ଦେଶର ନାଗରିକତା ଗ୍ରହଣ କରିବାକୁ ବାଧ୍ୟ କରେ ସିନା ହେଲେ ସେମାନେ କ'ଣ ପରସ୍ପରଠାରୁ ଅଲଗା ହୋଇ ପାରନ୍ତି ? ଆସନ୍ତୁ ଏଇ ପ୍ରଶ୍ନର ଉତ୍ତର ଖୋଜିବା ପ୍ରଖ୍ୟାତ ପଞ୍ଜାବୀ ଗାଳ୍ପିକ ନଭ୍‌ତେଜ୍ ସିଂହଙ୍କ ରଚିତ ଏକ ଗଳ୍ପ ରେ....

ସାଧାରଣତଃ ଏଇ ସନ୍ଧ୍ୟା ସମୟରେ ଅତୀତର ସ୍ମୃତିଗୁଡ଼ିକ ସତେଜତା ଲଭି ଓହ୍ଲାଇ ଆସନ୍ତି ଆତ୍ମାର ଗଭୀରତମ ପ୍ରଦେଶକୁ । ଆଉ ସେଦିନ ସନ୍ଧ୍ୟାରେ ମୁଁ ମୋ କୈଶୋର ତଥା ଆଦ୍ୟ ଯୌବନର ସହରରେ ଥାଏ । ଅତୀତର ଏକ ଘନିଷ୍ଠ ବନ୍ଧୁଙ୍କ ସହ ହାତ ଧରାଧରି ହୋଇ ଆମେ ଚାଲିଥାଉ ପୂର୍ବ ପରିଚିତ ରାସ୍ତା ଉପରେ । ଦୀର୍ଘ ଅନ୍ତରାଳ ପରେ ପୁରୁଣା ଦିନ ଗୁଡ଼ିକ ଜିଇଁ ଉଠୁଥାନ୍ତି । ହାମିଦ୍ କହେ, "ମୁଁ ବିଶ୍ୱାସ କରି ପାରୁନି ତୁ ମୋ ସହ ଏବେ ଲାହୋରରେ ଅଛୁ ବୋଲି । ସେଇ ରାସ୍ତାରେ ଆମେ ଚାଲୁଛୁ ଯାହା ଉପର ଦେଇ ଦିନେ ଆମେ କଲେଜ୍ ଯାଉଥିଲେ ।" ମୁଁ ନିଜେ ବି ତ ବିଶ୍ୱାସ କରି ପାରୁ ନଥାଏ ଏଇ ବାସ୍ତବତାକୁ । ତୀର୍ଥଯାତ୍ରା ଆଳରେ ପାକିସ୍ଥାନ ଆସିବା ସମ୍ଭବ ହୋଇ ପାରିଛି । ଆଉ ଗୁରୁଦ୍ୱାରା ଦର୍ଶନ କରିବା ନାଁରେ ବନ୍ଧୁ ହାମିଦ୍ ସହ ଭେଟ । ଦୁହିଁଙ୍କ ଆଖିରେ ଲୁହ ଭର୍ତ୍ତି । ସେଇ ଆଖିମାନେ ଆମ ଅପେକ୍ଷା ଅଧିକ କଥାବାର୍ତ୍ତା କରୁଥାନ୍ତି ପରସ୍ପର ମଧ୍ୟରେ । ଆମେ ଏଇ ରାସ୍ତାରେ ପ୍ରତିଦିନ ସାଙ୍ଗହୋଇ ଯାଉଥିଲୁ ବେଡ୍‌ମିଣ୍ଟନ୍ ଖେଳିବାକୁ । ଏଇ ରାସ୍ତାରେ ବ୍ରିଟିଶ୍ ସରକାର ବିରୁଦ୍ଧରେ ଏକ ଛାତ୍ର ରାଲିରେ ଭାଗନେଇ ପୋଲିସ୍ ପାଖରୁ ଲାଠିମାଡ଼ ବି ଖାଇଛୁ ଦୁହେଁ । ମନେ ପଡୁଛି ୧୯୪୬ ମସିହାର ଏକ ସନ୍ଧ୍ୟାର କଥା । ଆମେ ସେତେବେଳେ ଏକତ୍ର ଗୋଟିଏ ରୁମ୍‌ରେ ରହି ବମ୍ବେରେ ପାଠ ପଢୁଥିଲୁ । ହିନ୍ଦୁ ମୁସଲମାନଙ୍କ ଭିତରେ ହଣାକଟା ଆରମ୍ଭ ହେଲାବେଳକୁ ଆମେ ସମୁଦ୍ରକୂଳରେ ଥିବା ବନ୍ଧ ଉପରଦେଇ ଆମ ରୁମ୍‌କୁ ଫେରୁଥାଉ । ସମୁଦ୍ର କୂଳର ସେଇ ସନ୍ଧ୍ୟା ଖୁବ୍ ମନଲୋଭା ଥିଲା । ହେଲେ ସମସ୍ତେ ଖୁବ୍ ଆତଙ୍କିତ ଜଣା ପଡୁଥିଲେ । ରାସ୍ତାକଡ଼ରେ ବିକୁଥିବା ପଇଡ଼ ବିକାଳୀଙ୍କ କଟୁରୀ ବି ମନରେ ଭୟ ସଞ୍ଚାର କରିବାକୁ ଯଥେଷ୍ଟ । ଆମେ ଦୁହେଁ ସେଇ ପଇଡ଼ ବିକାଳୀଙ୍କ ଧର୍ମ ତଥା ବିଶ୍ୱାସ ସମ୍ବନ୍ଧରେ ଥାଉ ଅଜ୍ଞ । ଆମ ଦୁଇଜଣଙ୍କ ଭିତରୁ ଅନ୍ତତଃ ଜଣକୁ ତ ଏଇ ଧାରୁଆ କଟୁରୀ ଦ୍ୱାରା ଖଣ୍ଡ ଖଣ୍ଡ କରି ହଣାଯାଇ ପାରିବ । ବିଗତର କଥା ମନେ ପକାଇ ମୁଁ ହାମିଦ୍‌କୁ ପଚାରେ "ହଇରେ, ସେଦିନ ସମୁଦ୍ରକୂଳରେ ଚାଲିଲା ବେଳେ ଆମେ କ'ଣ ଭାବି ପାରିଥିଲେ ସେଇ ଝଡ଼ର ପରିସମାପ୍ତି ଏଇମିତି ହେବ ଯେ ଗୋଟିଏ କୋଠରୀରେ ସାଙ୍ଗହୋଇ ରହୁଥିବା ଦୁଇଜଣ ଲୋକ ଗୋଟିଏ ଦେଶରେ ବି ରହିବା ହୋଇଯିବ ଅସମ୍ଭବ ।" ହାମିଦ୍ କିଛି ନକହି ମୋ ହାତକୁ ଜାବୁଡ଼ି ଧରେ । ହାମିଦ୍ ଲୁଧିଆନାର ବାସିନ୍ଦା ଥିଲାବେଳେ ମୁଁ ଥିଲି ଲାହୋରର ।

ବହୁଦିନ ପରେ ଲୁଧିଆନାର ଜଣେ କବିଙ୍କ ସ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୩ ଜୁନ୍, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

ଆଉଜା କବାଟ (୪୦)

ବହୁରାଷ୍ଟ୍ରୀୟ ବଜାରବାଦ : ଭାଷା ବୁନିୟାଦର ଏପାଖସେପାଖ (୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ମୋବାଇଲ ହିଁ ହୃଦୟ ଜୀବନଠାରୁ ଅଧିକ ପ୍ରିୟ ହୋଇଯାଇଛି। ଅନ୍ୟାନ୍ୟ ଦେଶ ଭଳି ଭାରତରେ ମଧ୍ୟ ସାଇବର କ୍ରାନ୍ତିର ଆକାଶୀୟ ଆକ୍ରମଣ ଚାଲିଛି। ଭାରତର ସମ୍ପୂର୍ଣ୍ଣ ଜ୍ଞାନ-ବିଜ୍ଞାନ, ଦର୍ଶନ, ସାହିତ୍ୟ ଏବଂ ସାମାଜିକ ମୂଲ୍ୟବୋଧ ସେମାନଙ୍କ ନିଶାଣରେ। ଯେଉଁଥିପାଇଁ ଆମ ଭାଷା ଓ ସାହିତ୍ୟ ଆଜି ସଙ୍କଟରେ। ଲକ୍ଷ୍ୟ କରାଯାଉଛି ଆଜିକାଲି ଅଧିକାଂଶ ବାପା ମାଆ ନିଜନିଜ ସନ୍ତାନକୁ ମାତୃଭାଷା ପଢ଼ାଇବା ପାଇଁ ପରାମର୍ଶ ଦେଉନାହାନ୍ତି। ପିଲାଙ୍କ ପାଇଁ ମା'ର ଶିକ୍ଷା ବ୍ରହ୍ମବିଦ୍ୟା ଠାରୁ ଖୁବ୍ ମହାନ୍। ଏକଥା ଜାଣି ବି ଜାତିପ୍ରୀତି ଓ ମାତୃଭାଷା ପ୍ରତି ଘୃଣାର ମଞ୍ଜି ବୁଣୁଛନ୍ତି। ଅନ୍ୟପକ୍ଷରେ ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ, କୌଣସି ସରକାରର ଏମିତି ଶକ୍ତି ନାହିଁ କି କୌଣସି ଭାଷାର ବିନାଶ କିମ୍ବା ବିକାଶ କରିପାରିବ। ଏହି ଶକ୍ତି କେବଳ ଲୋକ ବ୍ୟବହାରରେ ହିଁ ସମ୍ଭବ ହୋଇପାରିବ। କ୍ଷମତାଧାରୀ, ରାଜନେତା ଆର୍ଥିକ ପ୍ରଲୋଭନ ଦେଖାଇ ଯେତେବେଳେ ଭାଷାକୁ ଯୋଡ଼ିଦିଏ, ସେତେବେଳେ ଲୋକ ବ୍ୟବହାରରେ ମଧ୍ୟ ବିକ୍ଷୋଭ ଏବଂ ପରିବର୍ତ୍ତନ ଆସେ। ପ୍ରତିଦିନ ମୁଠାଏ ଦାନାପାଇଁ ଅନ୍ୟଭାଷାକୁ ଆପଣେଇବା ପାଇଁ ସମୟ ବାଧ୍ୟ କରିଥାଏ। ଏଇଭଳି ଏକ ସଂକ୍ରାମକ ରୋଗରୁ ଆମର ଯୁବପିଢ଼ି ମୁକ୍ତି ପାଇପାରୁ ନାହାନ୍ତି। ନିଜର ଆର୍ଥିକ ସମ୍ବଳକୁ ଶକ୍ତିଶାଳୀ କରିବା ପାଇଁ ଖୁବ୍ ଭଲ ପ୍ୟାକେଜର ଅନୁସନ୍ଧାନରେ ସେମାନେ। କର୍ପୋରେଟ୍ କ୍ଷେତ୍ର ଏବଂ ବହୁରାଷ୍ଟ୍ରୀୟ କମ୍ପାନୀ ଯୁବ ଓ ଜଗତକୁ ଡଲାରର ଚମକ ଦେଖାଇ ନିଜ ଭାଷା ଭିତରେ ବାନ୍ଧି ନେଉଛନ୍ତି। ବାସ୍ତବରେ ଏହା ସାମ୍ରାଜ୍ୟବାଦୀ ଆତଙ୍କ ବ୍ୟତୀତ ଅନ୍ୟକିଛି ନୁହେଁ।

ଏହା ହିଁ ସତ୍ୟ। ଚର୍ଯ୍ୟାଚୟ ଠାରୁ ଆରମ୍ଭ କରି ସାରଳା, ଉପେନ୍ଦ୍ର, ରାଧାନାଥ, ଫକୀରମୋହନ ଏବଂ ସମସାମୟିକ କାଳଖଣ୍ଡରେ ମନୋରଂଜନ ଦାସଙ୍କ ପର୍ଯ୍ୟନ୍ତ ଆମ ଓଡ଼ିଆ ସାହିତ୍ୟର ଏକ ପ୍ରଭାବଶାଳୀ ଧାରା ପ୍ରବହମାନ। ଏହାକୁ କେହି ବି ବିଦେଶୀ ଶକ୍ତି ସମାପ୍ତ କରିପାରିବେ ନାହିଁ। କିନ୍ତୁ ଅବସୋସ, ଆମର ନୂଆ ଯୁବପିଢ଼ି ଏଇ ଦିଗପ୍ରତି ଉଦାସ ଓ ନିଷ୍କ୍ରିୟ ରହୁଛନ୍ତି। ଅଧୁନାତନ ସମାଜରେ ସମ୍ବାଦପତ୍ର ଏବଂ ସୋସିଆଲ ମିଡ଼ିଆରେ ଇଂରାଜୀ ଶବ୍ଦ ପ୍ରବଳ ମାତ୍ରାରେ ଅନୁପ୍ରବେଶ କରିଛି। ଯାହାକୁ ଓଂଲିଶ୍ କୁହାଯାଇପାରେ। ସବୁଠି ବଜାର ହିଁ ବଜାର। ନିରାଶ ଏବଂ ହତାଶ। ଦେଶଜ ଏବଂ ଆଧୁନିକତାର ପଛରେ ସବୁ ଯେମିତି ପିଷ୍ଟଭ ହୋଇଯାଉଛି। ଭୂମଣ୍ଡଳୀକରଣ ନାମରେ ଭୂମଣ୍ଡିକରଣ, ଉଦାରିକରଣ ନାମରେ ଉଧାରିକରଣ ସତେ ଯେମିତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଇଂରେଜୀ ଆତଙ୍କ ଏଭଳି ପ୍ରଭାବଶାଳୀ ହୋଇଛି ଯେ, ମାତୃଭାଷା ସମ୍ପ୍ରତି ମୃତପ୍ରାୟ ମନେ ହେଉଛି। ଏଭଳି ଅବସ୍ଥା ପାଇଁ କେବଳ ଇଂରେଜମାନଙ୍କୁ ଦାୟୀ କରାଯାଇ ନପାରେ ବରଂ ଆମ୍ଭେମାନେ ହିଁ ଅନେକାଂଶରେ ଦାୟୀ। ସ୍ୱାଧୀନତା ପରବର୍ତ୍ତୀ ଭାରତ ଅନେକ ବୌଦ୍ଧିକ ବ୍ୟକ୍ତି ବିଶେଷ ନିଜ ମାତୃଭାଷା ପ୍ରତି ବୈମାତୃକ ଭାବ ପୋଷଣ କରିଆସିଛନ୍ତି। ଏପରିକି ନିଜ ଭାଷାର ପୁସ୍ତକ ଅଧ୍ୟୟନ କରିବା କିମ୍ବା ଆପୋଷ ଆଲୋଚନା କରିବାକୁ ଲଜ୍ଜାବୋଧ କରୁଛନ୍ତି। ଏହା ପଛରେ ମେକେଲଙ୍କ ଶିକ୍ଷାନୀତି ହିଁ ଦାୟୀ। ଭାରତର ପ୍ରାନ୍ତୀୟ ଭାଷାକୁ ବିଲୁପ୍ତ କରିବା ସହ ଇଂରାଜୀ ଭାଷାକୁ ଲଦିଦେଇ ନିଜର ଆଧିପତ୍ୟ ଜାହିର କରିବା ଥିଲା ମେକେଲଙ୍କ ଉଦ୍ଦେଶ୍ୟ। ଭାରତର ଏକତା ଏବଂ ଅଖଣ୍ଡତାକୁ ଖଣ୍ଡବିଖଣ୍ଡିତ କରି ଇଂରାଜୀ ଭାଷାର ପ୍ରଚାର କରିବା ଦିଗରେ ସୁଚିନ୍ତିତ ପଦେକ୍ଷପ ନେଇଛନ୍ତି।

ଭାରତର ପୁରୁଣା ଶିକ୍ଷାନୀତିକୁ ମାନିବାକୁ ପ୍ରସ୍ତୁତ ନଥିଲେ ମେକେଲ୍। ଖୁବ୍ ଚତୁରତାର ସହିତ ଆଧୁନିକ ଭାରତର ସ୍ଲୋଗାନ ଦେଇ ଇଂରାଜୀ ଭାଷାର ପ୍ରଚଳନ କରାଇବାରେ ସେ ଯେଉଁ କୂଟନୀତି ପ୍ରୟୋଗ କରିଥିଲେ ସେଥିରେ ସେ ହୋଇଥିଲେ ଉତ୍ତୀର୍ଣ୍ଣ। ମେକେଲ୍ ଏଭଳି ଏକ ପ୍ରଭାବଶାଳୀ ବ୍ୟକ୍ତି ଥିଲେ ଯାହାଙ୍କୁ ତତ୍କାଳୀନ ଭାରତୀୟ ରାଜପୁରୁଷ ବୋଲି ମାନିନେଇଥିଲେ। ମେକେଲଙ୍କ ଅନୁଧାବନକାରୀ ତାଙ୍କର ଶିକ୍ଷାନୀତିକୁ ଜୋରସୋର୍ ପ୍ରଚାରପ୍ରସାର କରାଇବାକୁ ଲାଗିଲେ ଫଳରେ ଆଜି ଆମକୁ ଇଂରାଜୀ ଭାଷାର ଆକ୍ରମଣର ଶିକାର ହେବାକୁ ପଡୁଛି। ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଉପରୁ ଧୀରେଧୀରେ ଲୋକପ୍ରିୟତା ହ୍ରାସ ହେବାରେ ଲାଗିଛି। ବିଭିନ୍ନ ଘରୋଇ ଇଂରାଜୀ ବିଦ୍ୟାଳୟ ଆଡ଼କୁ ସଭିଏଁ ଆକର୍ଷିତ ହେଉଛନ୍ତି। ସମ୍ଭବତଃ ଏଇଥିପାଇଁ ଆମ ଭାଷା ଏବଂ ସାହିତ୍ୟ ବିପନ୍ନ ହୋଇପଡ଼ିଛି। ବହୁରାଷ୍ଟ୍ରୀୟ କମ୍ପାନୀ ଧୀରେଧୀରେ ଆମ ଭାଷାକୁ କବ୍‌ଜା କରିବାରେ ଲାଗିଛି। ଫଳରେ ଆମର ଜୀବନଧାରା ବହୁ ପରିମାଣରେ ପ୍ରଭାବିତ ହେଉଛି। ସାମନ୍ତବାଦୀ ଚିନ୍ତାଧାରା ଏଭଳି ବୃଦ୍ଧି ପାଇଛି ଯେ, ଓଡ଼ିଆ କହୁଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ହୀନମନ୍ୟତା ବୃଦ୍ଧି ପାଇଛି। ଏହାଠାରୁ ବଳି ଦୁଃଖର କଥା ଆଉ କ'ଣ ଥାଇପାରେ ? କେବଳ ଶିକ୍ଷା ବ୍ୟବସ୍ଥା ନୁହେଁ ଶାସନ ବ୍ୟବସ୍ଥାରେ ମଧ୍ୟ ଇଂରାଜୀକୁ ଜପାମାଳି କରାଯାଉଛି। ଫଳରେ ନେତାଠାରୁ ଆରମ୍ଭ କରି ବ୍ୟୁରୋକ୍ରାଟ ପର୍ଯ୍ୟନ୍ତ ଇଂରାଜୀ ଭାଷାରେ ପ୍ରବଚନ ଦେବାପାଇଁ ଗର୍ବ ଅନୁଭବ କରୁଛନ୍ତି।

ଆଜିବି ଇଂରେଜ ଭାଷାର ଚାଟୁକାର ହୋଇ ଆମକୁ ଜୀବନଯାପନ କରିବାକୁ ପଡୁଛି। ଇଂରେଜ ରାଜର ଶୋଷକ ଚରିତ୍ର ଖୋଲାଖୋଳି ଆଖି ସାମ୍ନାକୁ ଆସୁଛି। ଗୋଟିଏ ପକ୍ଷରେ ଅବିଶ୍ୱନୀୟତା ଏବଂ ଅନ୍ୟ ପକ୍ଷରେ ଇଂରାଜୀ ଆତଙ୍କ। ଏହାରି ମଧ୍ୟରେ ସାଧାରଣ ମଣିଷ। ନା ପଛକୁ ଯାଇପାରୁଛି, ନା ଆଗକୁ ଗୋଡ଼ ରଖିପାରୁଛି। ଆମ ଭାଷାର ଭବିଷ୍ୟତର ଭାଗ୍ୟ ପାଇଁ ଆମକୁ ପୁଣିଥରେ ହୁଏତ ଭାଷା ସୁରକ୍ଷାର ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିପାରେ। ଇଂରେଜମାନଙ୍କର ଚତୁର ବଣିକ ନୀତି ଆଜି ଆମକୁ ବିକାଶ ନାଁରେ ବିନାଶ ଆଡ଼କୁ ନେଇଯାଉଛି। ନା ଭାଷାର ଅସ୍ତିତ୍ୱ ଅଛି ନା ଅଛି ଆମ ବଞ୍ଚିବାର ଅଧିକାର ! ସବୁଜ କେଦାର ଭରା ଅରଣ୍ୟାନୀ ଆଉ ନାହିଁ। କେବଳ କଂକ୍ରିଟ୍ ଜଙ୍ଗଲରେ ଆମେ ଅଣନିଃଶ୍ୱାସୀ ହୋଇ ଇଂରାଜୀ ସର୍ବତ୍ ପିଇ ଚାଲିଛୁ। ଜୀବନ ରହିବ ତ ? ଏଇ ପ୍ରଶ୍ନ ସଭିଙ୍କୁ ଆନ୍ଦୋଳିତ କରୁଛି।

ବୈଶ୍ୱୀକରଣର ଲାଭ ଓ ଲୋଭର ଚକ୍ରବ୍ୟୁହରେ ଆମେ ଆମର ଅଭିମାନକୁ ବଳି ଚଢ଼ାଇ ଦେଉଛୁ। ସତେ ଯେମିତି ପଶ୍ଚିମାର ଆକର୍ଷଣରେ ଆମେ ଆମର ଭାଷାର ବସ୍ତ୍ର ହରଣ କରୁଛୁ। ଏହାଠାରୁ ଦୁର୍ଭାଗ୍ୟପୂର୍ଣ୍ଣ କଥା କ'ଣ ଥାଇପାରେ। ଆଜି ନିଜିକରଣ ଧୂମକେତୁ ଏପରି ଛାଇଯାଇଛି ଯେ, ସାଧାରଣ ମଣିଷ ବି ଶାନ୍ତିରେ ରହିପାରୁ ନାହିଁ। ସେ ଭୁଲିଯାଉଛି ତା' ହୃଦୟର ଭାଷା। ସେ ଭୁଲିଯାଉଛି ତା' ମାଟିର ଭାଷା। ଆଜି ବିଶ୍ୱ ବହୁରାଷ୍ଟ୍ରୀୟ କମ୍ପାନୀ ଓଜାଡ଼ି ଦେଇଛି ଆମ ପରିବେଶ। ସବୁଠି ଧଳା ପାହାଡ଼ମାନଙ୍କର ଆକ୍ରମଣ। ଜଳ, ଜଙ୍ଗଲ ଓ ଜମିଠାରୁ ଆରମ୍ଭ କରି ଜନବସତି ପର୍ଯ୍ୟନ୍ତ ସେମାନଙ୍କର ଅବାଧ ବିଚରଣ। ଏହାରି ଭିତରେ ସାମ୍ରାଜ୍ୟବାଦୀ ତତ୍ତ୍ୱ ହିଁ ନିହିତ ଅଛି। ଏହି ସତ୍ୟକୁ ଆମେ ବୁଝିପାରୁ ନାହୁଁ। ନିଜ ଗୋଡ଼ରେ ନିଜେ ହିଁ କୁରାଢ଼ି ମାରୁଛୁ। ଭାଷା ବଞ୍ଚିଲେ ବଞ୍ଚିବ ସଂସ୍କୃତି। କିନ୍ତୁ ଆଜି ? ଚାଲାକ ଇଂରେଜମାନେ ଇଂରାଜୀ ଅଭିଧାନ ଭିତରେ ଖୁବ୍ ସ୍ୱଳ୍ପ ସଂଖ୍ୟାରେ ବିଭିନ୍ନ ଆଞ୍ଚଳିକ ଶବ୍ଦ ସନ୍ନିବେଶିତ କରି ତାଙ୍କ ଉଦାରତାର ପରିଚୟ ଦେଉଛନ୍ତି। ଏଇ କଥା ବୁଝିବାକୁ ପଡ଼ିବ। ବିଶ୍ଳେଷଣ କରିବାକୁ ପଡ଼ିବ। ମଣିଷର ବିସ୍ଥାପନ ପରି ଭାଷା ବି ବିସ୍ଥାପନ ହେଉଛି। ଏଥିପାଇଁ ଦାୟୀ କିଏ ? କେବଳ ବହୁରାଷ୍ଟ୍ରୀୟ କମ୍ପାନୀଙ୍କର ବଜାରବାଦ। ଏ ସମ୍ପର୍କରେ ପ୍ରତ୍ୟେକ ମାତୃଭାଷା ପ୍ରେମୀ ଚିନ୍ତନ କରିବା ଆବଶ୍ୟକ। ନହେଲେ ଗୋଟାଏ ପ୍ରାଚୀନ ଭାଷା ଉପରେ ପୁଣି ସଂକଟର ବାଦଲ ଘୋଟି ଆସିବ। ପୁଣି ଆମକୁ ଫକୀରମୋହନଙ୍କ ଭଳି ବାରମ୍ବାର ଭାଷା ସୁରକ୍ଷାର ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ। ଭାଷାର କବଚ ଧାରଣ କରିବାକୁ ପଡ଼ିବ। ବିଦେଶୀ ଭାଷା ଷଡ଼ଯନ୍ତ୍ରରୁ ନିଜକୁ ମୁକୁଳାଇବାକୁ ପଡ଼ିବ। ଯେଉଁ ଶୁଦ୍ଧ ଶକ୍ତିକୁ ଅଶୁଦ୍ଧ ଅପଶକ୍ତିମାନେ ବାରମ୍ବାର ଲାଞ୍ଛିତ, ଉପହସିତ କରି ଆସୁଛନ୍ତି, ସେମାନଙ୍କୁ ମୁହଁତୋଡ଼ ଜବାବ ଦେବାକୁ ପଡ଼ିବ। ମାତୃଭାଷା ଏବଂ ମାତୃଭୂମିର ବୁନିୟାଦକୁ ସ୍ମରଣ କରିବାକୁ ପଡ଼ିବ। ତେଣୁ ହୁସିଆର ହୁଅ। ହୁସିଆର। (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

ସ୍ମୃତି ଶତଦଳ

ସୋନାଲିର ସ୍ୱପ୍ନ-୩



ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସୋନାଲିର ବାହାଘର ହେଉଛି ଆମ ଷଡ଼ଙ୍ଗୀ ପରିବାର ତଥା ଆଚାର୍ଯ୍ୟ ପରିବାରର ପ୍ରଥମ ବାହାଘର । ତେଣୁ ସବୁ ଭାଇଭଉଣୀ, ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ ଆଦି ଏକାଠି ହୋଇ ଖୁବ୍ ଖୁସି ମନରେ ବାହାଘରର ବିଭିନ୍ନ କାମରେ ଲାଗିପଡ଼ୁଥିଲେ । ଆଜିକାଲି ପିଲାମାନେ ପ୍ରାୟ ଚାହିଁଥାନ୍ତି, ତା' ଆଗରୁ ମେହେନ୍ଦି ଓ ସଂଗୀତ କାର୍ଯ୍ୟକ୍ରମଟି ମଧ୍ୟ ଭଲ ଭାବରେ ହେଉ । ତେଣୁ ବାହାଘର ଆଗରୁ ଖୁବ୍ ଭଲଭାବରେ ମେହେନ୍ଦି, ସଂଗୀତ ଓ ନୃତ୍ୟଗୀତର ଆସର ହୋଇଥିଲା ଯାହା ଆମମାନଙ୍କ ପାଇଁ ଏକ ସ୍ମରଣୀୟ ଦିନ ହୋଇ ଦିଆଯାଏ ରହିଛି ।

ଆମମାନଙ୍କ ଘରେ ପ୍ରାୟ ଦିନ ବାହାଘର ହୋଇଥିବାରୁ ବାରବାଟୀ ଷ୍ଟାଡିୟମରେ ତା'ର ପ୍ରସ୍ତୁତି ଆଗରୁ କରାଯାଇଥିଲା । ସବୁଠାରୁ ଖୁସି ଖବର ଥିଲା, ଏଇ ବାହାଘରଟି ଆମ ଗାଇନିକ୍ ଡିପାର୍ଟମେଣ୍ଟର ବାହାଘର ଥିଲା ଯେହେତୁ ଜୋଇଁ ଡଃ ରାଧାକାନ୍ତ ଜଣେ ଗାଇନୋକୋଲୋଜିଷ୍ଟ ଓ ଏସ୍.ସି.ବି. ମେଡ଼ିକାଲ କଲେଜରେ ଏମ୍.ଡ଼ି କରୁଥିଲେ ଏବଂ ମୁଁ ମଧ୍ୟ ସେ ସମୟରେ ସେଠି ପ୍ରଫେସର ଥିଲି । ତେଣୁ ଅଧିକାଂଶ ବରଯାତ୍ରୀ ଆମ ଡିପାର୍ଟମେଣ୍ଟରୁ ରାଧାକାନ୍ତଙ୍କ ସାଂଗରେ ଆସିଥିଲେ ଏବଂ ସେମାନେ ସମସ୍ତେ ଷ୍ଟାଡ଼ିୟମ୍‌ରେ ପହଞ୍ଚି ସୁନ୍ଦରଭାବେ ନାଚ ଆରମ୍ଭ କରିଦେଲେ । ରାଧାକାନ୍ତକୁ୍ ଟାଣିଆଣି ଖୁବ୍ ନଚେଇଥିଲେ । ରମାରମଣ, ଜୋଇଁଙ୍କର ବାଟବରଣ କଲାପରେ ପୁଅ ସିଦ୍ଧାର୍ଥ ଓ ପୁତୁରା ସ୍ଥିତି ରଂଜନ ରାଧାକାନ୍ତଙ୍କୁ ଟେକି ଟେକି ବେଦୀ ପାଖକୁ ନେଇ ଆସିଲେ ।

ଠାକୁରଙ୍କର ଅଶେଷ କୃପାରୁ ହାତଗଣ୍ଠି ଓ ବାହାଘର ଭଲରେ ଭଲରେ ହୋଇଗଲା ଏବଂ ସନ୍ଧ୍ୟାବେଳେ ଅତିଥିମାନେ ଆସି ବରବଧୂଙ୍କୁ ଆଶୀର୍ବାଦ କରି ଗଲେ । ଜୋଇଁ ଡଃ ରାଧାକାନ୍ତ ବର୍ତ୍ତମାନ ଏସ୍.ସି.ବି ମେଡ଼ିକାଲ୍ କଲେଜରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ଆସିଷ୍ଟାଣ୍ଟ୍ ପ୍ରଫେସର ଥିବାବେଳେ, ଝିଅ ଡଃ ସୋନାଲି ଷଡ଼ଙ୍ଗୀ ଜଣେ ଚକ୍ଷୁ ବିଶେଷଜ୍ଞ । ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଆଭୂମ ପ୍ରଣତି ଜଣାଇ ଆଶୀଷ ମାଗିଥିଲି, ପ୍ରଭୁ ଏ ଅକିଂଚନର ଗୁହାରି ଶୁଣିଥିଲେ ବୋଲି । ମୋର ଆଉ ଗୋଟିଏ ଆଶା ମଧ୍ୟ ପ୍ରଭୁ ପୂରଣ କରିଥିଲେ ।

୨୦୦୫ ମସିହା ରଥଯାତ୍ରା ଦିନ ଆମର ଆଉଟ୍‌ଡୋର ଡିଉଟି ପଡ଼ିଥିଲା । ଆଉଟ୍‌ଡୋର୍ ଡିଉଟି ଦିନ ଅତିଜରୁରୀ ନ ହେଲେ ଛୁଟୀ ନେଇ ହୁଏ ନାହିଁ ଏବଂ

ଠାକୁରଙ୍କର ଅଶେଷ କୃପାରୁ ହାତଗଣ୍ଠି ଓ ବାହାଘର ଭଲରେ ଭଲରେ ହୋଇଗଲା ଏବଂ ସନ୍ଧ୍ୟାବେଳେ ଅତିଥିମାନେ ଆସି ବରବଧୂଙ୍କୁ ଆଶୀର୍ବାଦ କରି ଗଲେ । ଜୋଇଁ ଡଃ ରାଧାକାନ୍ତ ବର୍ତ୍ତମାନ ଏସ୍.ସି.ବି ମେଡ଼ିକାଲ୍ କଲେଜରେ ସ୍ତ୍ରୀରୋଗ ଓ ପ୍ରସୂତି ବିଭାଗରେ ଆସିଷ୍ଟାଣ୍ଟ୍ ପ୍ରଫେସର ଥିବାବେଳେ, ଝିଅ ଡଃ ସୋନାଲି ଷଡ଼ଙ୍ଗୀ ଜଣେ ଚକ୍ଷୁ ବିଶେଷଜ୍ଞ । ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଆଭୂମ ପ୍ରଣତି ଜଣାଇ ଆଶୀଷ ମାଗିଥିଲି, ପ୍ରଭୁ ଏ ଅକିଂଚନର ଗୁହାରି ଶୁଣିଥିଲେ ବୋଲି । ମୋର ଆଉ ଗୋଟିଏ ଆଶା ମଧ୍ୟ ପ୍ରଭୁ ପୂରଣ କରିଥିଲେ ।

ଆଉଟ୍‌ଡୋରରେ ସବୁ ରୋଗୀମାନଙ୍କୁ ଦେଖିବାକୁ ପଡ଼ିଥାଏ । ତେଣୁ ଛୋଟ ରେଡ଼ିଓଟିଏ ସଙ୍ଗରେ ନେଇ ଆଉଟ୍‌ଡୋର ଯାଇଥିଲି । ରୋଗୀମାନଙ୍କୁ ଦେଖୁଦେଖୁ କାନରେ ବାଜୁଥିଲା ବାଗ୍ମୀ, କବି ଓ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ପ୍ରବଚିକା ମନୋରମା ମହାପାତ୍ରଙ୍କର ପ୍ରବଚନ । ଭାରି ସୁନ୍ଦର ଅନର୍ଗଳ ଭାବରେ ସେ ତାଙ୍କର ବଚନିକା ଦେଉଥିଲେ । ରେଡ଼ିଓରୁ ତାଙ୍କର ଓଜସ୍ୱିନୀ ପ୍ରବଚନ ଶୁଣି ମୁଁ ଭାବବିହ୍ୱଳ ହୋଇଗଲି । ମୋର ସହକର୍ମୀ ଓ ପି.ଜି ଛାତ୍ର ଛାତ୍ରୀଙ୍କୁ କହିଲି "ମନୋରମା ମ୍ୟାଡ଼ାମ୍ ଏତେ ସୁନ୍ଦର ଜଗନ୍ନାଥଙ୍କ ଉପରେ ପ୍ରବଚନ ଦେଉଛନ୍ତି, ମୁଁ କେବେହେଲେ ଏମିତି କହିପାରିବି ନାହିଁ । ସଂଗେ ସଂଗେ ଜଣେ ପି.ଜି. କହିଲେ "ମ୍ୟାଡ଼ାମ୍ ଆପଣ ସବୁ ପାରିବେ, ଆପଣ ବି ଏମିତି ସୁନ୍ଦର ଲାଇଭ୍ କମେଣ୍ଟ୍ରି ଦେଇପାରିବେ ।" ମୁଁ ବିଶ୍ୱାସ କରିପାରିଲିନି । କେମିତି କହିବି ? ଜଗନ୍ନାଥଙ୍କ ବିଷୟରେ ଏତେ ତତ୍ତ୍ୱ ଓ ତଥ୍ୟ ମୁଁ କେଉଁଠୁ ପାଇବି ? କିନ୍ତୁ , ମନ କହିଲା ନିଶ୍ଚୟ ପାରିବି, ପ୍ରଭୁଙ୍କର କରୁଣା ହେଲେ ସେ ମତେ ବାକ୍‌ସେବାର ଆଶୀଷ ଦେବେ ଏବଂ ତାହାହିଁ ପ୍ରଭୁଙ୍କ ରଥଯାତ୍ରାରେ ଦୁଇ ହାତ ଟେକି ମାଗିଥିଲି ।

ଆଶ୍ଚର୍ଯ୍ୟ କଥା ମୁଁ ଆଦୌ ଦରଖାସ୍ତ ମଧ୍ୟ ଦେଇନଥିଲି, କିନ୍ତୁ ଅଲ୍‌ଇଣ୍ଡିଆ ରେଡ଼ିଓ କଟକରୁ ନିର୍ଦ୍ଦେଶିକା ରଶ୍ମୀ ପ୍ରଧାନ ମତେ ଫୋନ୍ କରି ଚିଠିଟିଏ ଦେଲେ, ଗୁଣ୍ଡିଚାଦିନ ଧାରାବିବରଣୀ ଦେବା ପାଇଁ । ମୋର ଦୁଇଟିଯାକ ଆଖିଛଳଛଳ ହୋଇଗଲା ଏବଂ ଦୁଇହାତ ଯୋଡ଼ି ପ୍ରଭୁଙ୍କୁ ସବୁ କିଛି ସମର୍ପି ଦେଇଥିଲି ।

ସେତେବେଳକୁ ଡଃ ରମାରମଣ ଏସ୍.ସି.ବି. ମେଡ଼ିକାଲ କଲେଜରେ ପ୍ରିନ୍ସିପାଲ୍ ଥାଆନ୍ତି । ରଥଯାତ୍ରାରେ ଖୁବ୍ ଭୋରରୁ ଧାରାବିବରଣୀ ଆରମ୍ଭ ହୁଏ । ତା' ଆଗଦିନ ପୁରୀରେ ପହଞ୍ଚିବାର ଥିଲା । ଅଲ୍‌ଇଣ୍ଡିଆ ତରଫରୁ ସନ୍ଧ୍ୟାରେ ମିଟିଂ ରେ ଯୋଗ ଦେବା କଥା କିନ୍ତୁ ଡଃ ରମାରମଣଙ୍କୁ ଆଉ ସେଦିନ ଛୁଟୀ ମିଳିନଥିଲା । କଥା ହେଲା ଝିଅ, ଜୋଇଁଙ୍କ ସାଙ୍ଗରେ ରଥଯାତ୍ରା ଆଗଦିନ ମୁଁ ଯାଇ ଗେଷ୍ଟ୍ ହାଉସ୍‌ରେ ରହି ମିଟିଂ ଆଟେଣ୍ଡ୍ କରିବି ଓ ତା' ପରଦିନ ଡଃ ରମାରମଣ ଯାଇ ସକାଳୁ ପୁରୀ ମନ୍ଦିର ପାଖରେ ପହଞ୍ଚିବେ । ରଥଯାତ୍ରା ଆଗଦିନ ଆମେ ତିନିଜଣ ପୁରୀ ଗଲୁ । ବଡି ଭୋରରୁ ଅଲ୍‌ଇଣ୍ଡିଆ ରେଡ଼ିଓର ବୁଥ୍‌ପାଖକୁ ଯିବାକୁ ପଡ଼ିଲା । ଅନେକ ଦୂରରୁ ଗାଡ଼ି ଛାଡ଼ି ଚାଲି ଚାଲି ଯିବାକୁ ପଡ଼ିଲା । ବୁଥ୍‌ଟି ଥିଲା ରାଧାବଲ୍ଲଭ ମଠ ଉପରେ । ସେ ମଠ ହେଉଛି ଶ୍ରୀମନ୍ଦିର ସାମ୍ନାସାମ୍ନି । ମଠ ଉପରୁ ବୁଥ୍‌ରୁ ଚାହିଁଲେ ସାମ୍ନାରେ ଅରୁଣସ୍ତମ୍ଭ ଓ ସିଂହଦ୍ୱାର ଏବଂ ସେଠାରୁ ସବୁ ଜିନିଷ ଓ ପ୍ରଭୁଙ୍କର ନୀତି, କାନ୍ତି ସ୍ପଷ୍ଟ ଭାବରେ ଦିଶୁଥିଲା । ପହଣ୍ଡିବିଜେ ଆଗରୁ ରଥ ପ୍ରତିଷ୍ଠାହେଲା, ପ୍ରଭୁମାନେ ପହଣ୍ଡିବିଜେ ବେଳକୁ ସାତପାହାଚ ପାଖରେ ଟାହିଆ ଲାଗି ହେଲେ । ପ୍ରଥମେ ଶ୍ରୀ ଶ୍ରୀ ସୁଦର୍ଶନ ଆସିଲେ କ୍ଷିପ୍ର ଗତିରେ । ଲୋହିତ ବର୍ଣ୍ଣର ସୁଦର୍ଶନ ହେଉଛନ୍ତି ଗତିର ପ୍ରତୀକ, ବେଗର ପ୍ରତୀକ, ସମୟର ପ୍ରତୀକ । ପରେ ପରେ ଶ୍ରୀବଳଦେବ, ମା' ସୁଭଦ୍ରା ଓ ପ୍ରଭୁ କାଳିଆ କାହ୍ନୁ ଝୁଲି ଝୁଲି ଆସିଲେ । ପଣ୍ଡା ପଢ଼ିଆରି ଦଇତାପତିମାନେ ଜଗନ୍ନାଥଙ୍କୁ ପହଣ୍ଡି କରାଇଲା ବେଳେ ସବୁଠାରୁ ଚିତ୍ତାକର୍ଷକ ଓ ମନୋହର ଦିଶୁଥିଲା ତାଙ୍କ ପହଣ୍ଡି ଯାତ୍ରା ।

ଯେତେବେଳେ ରାଧାବଲ୍ଲଭ ମଠ ଉପରେ ଠିଆ ହୋଇ ଘୋଷଯାତ୍ରାର ଧାରାବିବରଣୀ ଦେବାକୁ ଆରମ୍ଭ କଲି, ଖୁସିରେ, ଆନନ୍ଦରେ ଓ ଅଖଣ୍ଡ ଭକ୍ତିରେ ବିହ୍ୱଳ ହୋଇ ଯାଇଥିଲି । ଆଖିରେ ମୋର ଲୁହ ଭର୍ତ୍ତି ହୋଇଯାଇଥିଲା । ହେ ଠାକୁର ଏତେ ବଡ଼ ଭାଗ୍ୟ ମୋର ହେବ ? ଠାକୁରଙ୍କୁ ପ୍ରଣାମ ଜଣାଇ, ନନାବୋଉଙ୍କୁ ମନେ ପକାଇ ଧାରା ବିବରଣୀ ଦେବା ଆରମ୍ଭ କଲି । ତଳକୁ ଅନା

ଥେରୁବାଲି ଠାରେ କରୋନା ସଚେତନତା ରଥର ଶୁଭାରମ୍ଭ

ରାୟଗଡ଼,୧୨/୦୬ (ନି.ପ୍ର): ରାୟଗଡ଼ ଜିଲ୍ଲା ଥେରୁବାଲି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଜିଲ୍ଲାସ୍ତରୀୟ କୋଭିଡି ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା । ଏହି ରଥ କାର୍ତ୍ତିକାଗୁଡା, କେଲିଗୁଡା, ଥେରୁବାଲି, ଖେଦପଡା, ଡୁମୁରିଗୁଡା ପଞ୍ଚାୟତର ବିଭିର୍ଣ୍ଣ ଗ୍ରାମରେ ପରିକ୍ରମା କରିବ। ଏହି ଅଭିଯାନକୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ରୀମାନ ତେଜରାଜ ନାଗ ମୁଖ୍ୟଅତିଥି ଭାବେ, ଥେରୁବାଲି ସରପଞ୍ଚ ଶ୍ରୀମତୀ କମଳା ହିକକା, କେଲିଗୁଡ଼ା ସରପଞ୍ଚ ଶ୍ରୀମତି ବାମିଣି ମିଣିଆକା ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମନ ନୃସିଂହ ଚରଣ ପଟ୍ଟନାୟକ, ଇମ୍ପାର ଲୋକସମ୍ପର୍କ ଅଧିକାରୀ ଶ୍ରୀମାନ ଶକ୍ତି ପ୍ରସାଦ ପାଣିଗ୍ରାହୀ, ଚାଇଲଡ଼ ଲାଇନ ର ନିର୍ଦ୍ଦେଶକ ଶ୍ରୀମାନ ରାଧାଶ୍ୟାମ ପଣ୍ଡା, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମାନ ଶ୍ରୀକାନ୍ତ ପାଣିଗ୍ରାହୀ, ପଞ୍ଚାୟତରାଜ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

କଂଗ୍ରେସ କମିଟି ପକ୍ଷରୁ ପେଟ୍ରୋଲ ଏବଂ ଗ୍ୟାସ ଦର ବୃଦ୍ଧି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ

ରାୟଗଡ଼,୧୨/୦୬ (ନି.ପ୍ର): ପ୍ରଦେଶ କଂଗ୍ରେସ କମିଟିର ଅନୁରୋଧ କ୍ରମେ ଆଜି ରାୟଗଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାୟଗଡ଼ ଜିଲ୍ଲା ସଦର ମହକୁମାର ସ୍ଥାନୀୟ ହୋଟେଲ କପିଳାଶ ଛକ ନିକଟରେ ଥିବା ପେଟ୍ରୋଲପମ୍ପ ସାମନାରେ ସରକାରଙ୍କ କରୋନା ର ସମସ୍ତ ନିୟମକୁ ମାନି ବିକ୍ଷୋବ ପ୍ରଦର୍ଶନ କରାଯାଇଥିଲା । ସେହିପରି ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରେ ଗୁଣୁପୁର ନଗର କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ, ସାଂସଦ ପ୍ରତିନିଧି ଏସ ବାବା ପ୍ରସାଦ, ଭୋଳନାଥ ମହାଙ୍କୁଡ, ପ୍ରମୁଖ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମହାମାରୀ କରୋନା ଯୋଗୁଁ ଜନସାଧାରଣଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିଥିଲା ବେଳେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି । ଏହି ସମୟରେ କେନ୍ଦ୍ର ସରକାର ସେମାନଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ପେଟ୍ରୋଲ ଓ ଗ୍ୟାସ ଦର ବୃଦ୍ଧି କରିଚାଲିଛି । ଗରିବ ଓ ମଧ୍ୟବିତ୍ତ ପରିବାର ଲୋକେ ଖାଇବାକୁ ପାଉନଥିବା ବେଳେ ସେମାନେ ଗାଡ଼ିରେ ତେଲ ପକାଇବେ କେମିତି ବୋଲି ପ୍ରଶ୍ନ କରିଥିଲେ । ଗତ ୧୩ ମାସ ଭିତରେ କେନ୍ଦ୍ର ସରକାର ୪୩ ଥର ତୈଳଦର ବୃଦ୍ଧି କରିସାରିଲେଣି । ଯାହାକି ବର୍ତ୍ତମାନ ବୃଦ୍ଧି ପାଇ ୧୦୦ ଟଙ୍କା ଉପରେ ପହଁଚିଲାଣି । ଯାହାକି ନଳିତା ବିଡା ଉପରେ ବୋଝ ସଦୃଶ ହୋଇଛି । ତେଣୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଭ୍ୟାଟ ଓ ଟିକସ ଛାଡ଼ କରିବା ପାଇଁ ଦାବି କରିଥିଲେ ।

ନୀଳଗିରି ରଥଯାତ୍ରା ବନ୍ଦ ନିଷ୍ପତ୍ତିର ପୁନର୍ବିଚାର ଦାବି

ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ରାଣୀ ମନୋଜା ମଞ୍ଜରୀ ଦେବୀଙ୍କ ସ୍ମାରକପତ୍ର

ବାଲେଶ୍ୱର,୧୨/୦୬ (ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଶ୍ରୀକ୍ଷେତ୍ର ପୁରୀ ବ୍ୟତୀତ ଓଡ଼ିଶାର ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା କରା ନଯିବାକୁ ରାଜ୍ୟ ସରକାର ଗ୍ରହଣ କରିଥିବା ନିଷ୍ପତ୍ତିକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଲକ୍ଷ୍ୟ କରାଯାଇଛି। ବିଶେଷ କରି ତୃତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ବାଲେଶ୍ୱର ଜିଲାର ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିରରେ କଟକଣା ମଧ୍ୟରେ ରଥଯାତ୍ରା ପାଇଁ ଅନୁମତି ପ୍ରଦାନ ନିମନ୍ତେ ଦାବି ଏବେ ଜୋର ଧରିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ ବାଲେଶ୍ୱର ଜିଲାପାଳଙ୍କୁ ସାକ୍ଷାତ ସହ ରଥଯାତ୍ରା ବନ୍ଦ ଯୋଗୁଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଭାବାବେଗ ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତି ସହ ପ୍ରତ୍ୟେକ ଓଡ଼ିଆ ଯୋଡ଼ି ହୋଇ ରହିଥିବା ବେଳେ ରଥଯାତ୍ରା ବନ୍ଦ ନିଷ୍ପତ୍ତିକୁ ସାଧାରଣ ଲୋକେ ଗ୍ରହଣ କରିପାରୁ ନଥିବା ସେ କହିଛନ୍ତି। ରାଜ୍ୟ ସରକାର ରଥଯାତ୍ରା ବନ୍ଦ ନିଷ୍ପତ୍ତିର ପୁନର୍ବିଚାର ପାଇଁ ରାଣୀ ମନୋଜା ମଞ୍ଜରୀ ଦେବୀ ପ୍ରସ୍ତାବ ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ରାଣୀ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ରାଣୀଙ୍କ ସହ ନୀଳିଗରି ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ହରିବନ୍ଧୁ କର, ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ ଓ ବ୍ରହ୍ମା ସରୋଜ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ସୁବର୍ଣ୍ଣରେଖା ପୋଲରୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ସ୍ଥାନୀୟ ଲୋକେ ଧରି ଚାଇଲ୍ଡଲାଇନକୁ ଦେଲେ ଜିମ୍ମା

ବାଲିଆପାଳ,୧୨/୦୬ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ଅସ୍ତି ପଞ୍ଚାୟତରେ ଥିବା ସୁବର୍ଣ୍ଣରେଖା ପୋଲ ଉପରେ ଆଜି ଜନୈକ ଯୁବତୀ ପୋଲ ଉପରୁ ତଳକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ତାକୁ ଧରି ପକାଇଥିଲେ । ଏନେଇ ବାଲିଆପାଳ ଥାନା ପୋଲିସ ଏବଂ ଚାଇଲ୍ଡ ଲାଇନକୁ ଖବର ଦେବା ପରେ ଚାଇଲ୍ଡ ଲାଇନ ସଦସ୍ୟମାନଙ୍କୁ ହସ୍ତାନ୍ତର କରିଥିଲେ । ମିଳିଥିବା ସୂଚନା ମୃତାବକ ଆଜି ସପ୍ତହନ୍ତ ସଟଡାଉନ ହୋଇଥିବାରୁ ରାସ୍ତା ଘାଟରେ ସେତେଟା ଗାଡି ମଟର ଯାଆସ କରୁ ନଥିଲା । ଆଜି ସକାଳେ ସୁବର୍ଣ୍ଣରେଖା ପୋଲ ଉପରେ ଜଣେ ଝିଅଟି ଅନ୍ୟମନସ୍କ ହୋଇବସିଥିବା ବେଳେ ହଟାତ ପୋଲଉପରୁ ତଳକୁ ଡେଇଁ ପଡି ଆତ୍ମହତ୍ୟା ଉଦ୍ୟମ କରିଥିଲା ଏହା ଦେଖି କିଛି ଦୂରରେ ଛିଡା ହୋଇଥିବା ସ୍ଥାନୀୟ ଲୋକେ ତାକୁ ଧରି ପକଇାଥିଲେ । ଖବର ପାଇ ଅସ୍ତି ସରପଞ୍ଚ ଶାନ୍ତନୁ ଭଦ୍ର,ଯୁବନେତା ହରେକୃଷ୍ଣ ଜେନା ପ୍ରମୁଖ ପହଂଚି ଝିଅଟିକୁ ପଚରା ଉଚୁରା କରିଥିଲେ। ଝିଅଟି ନିଜ ଘର ଉଲୁଡା ଗ୍ରାମରେ କହିଥିବା ବେଳେ ସେ ଯୁକ୍ତ ଦୁଇ ପାଠ ପଢିଥିବା ପ୍ରକାଶ କରିଥିଲା । ତା ପ୍ରତି ସ୍ଥାନୀୟ କିଛି ବ୍ୟକ୍ତି ଅନ୍ୟାୟ ଅତ୍ୟାଚାର କରୁଥିବା ବେଳେ କମର୍ଦ୍ଦା କିମ୍ୱା ଜଳେଶ୍ୱର ପୋଲିସ ତା କଥା ବୁଝୁନଥିବାରୁ ସେ ବାଧଶଯୟ ହୋଇ ଅତ୍ମହତ୍ୟା କରିବା ପାଇଁ ଉଦ୍ୟମ କରୁଥିବା ପ୍ରକାଶ କରିଥିଲା । ପରେ । ଉକ୍ତ ଝିଅଟିକୁ ଖାଇବା ପିଇବା କୁ ଦେଇ ସେଠାରେ ବସାଇ ରଖରବା ସହିତ ବାଲିଆପାଳ ଥାନା ପୋଲିସ ଏବଂ ବାଲେଶ୍ୱର ଚାଇଲ୍ଡଲାଇନକୁ ଖବର ଦେଇଥିଲେ । ବାଲେଶ୍ୱର ଚାଇଲ୍ଡ ଲାଇନର ମୁଖ୍ୟ ପ୍ରଶାନ୍ତ କୁମାର ରାଉତ ଙ୍କ ନିର୍ଦ୍ଦେଶରେ ଚାଇଲ୍ଡ ଲାଇନ ସଦସ୍ୟ କୃଷ୍ଣାରାଣୀ ଅଣ୍ଡିଆ, କୁନିମଣି ଭୂୟାଁ ପ୍ରମୁଖ ଘଟଣା ସ୍ଥଳରେ ପହଂଚି ଉକ୍ତ ଝିଅଠାରୁ ସବୁକଥା ପଚାରି ବୁଝିଥିଲେ । ତେବେ ଝିଅଟିର ବୟସ ୨୧ ବର୍ଷ ହୋଇଥିବା ବେଳେ ତାର ମାନସିକ ବିକୃତଥିବା ଜାଣିବାକୁ ପାଇବା ପରେ ଝିଅଟିକୁ ନେଇ ତାର ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିବା ଜଣାାଯାଇଛି । ତେବେ ଏହି ଘଟଣା ପ୍ରଚାରିତ ହେବା ପରେ ପୋଲଉପରେ ବହୁ ଲୋକ ରୁଣ୍ଡ ହୋଇଯାଇଥିଲେ ।

୨୨୨ ଆକ୍ରାନ୍ତ ଚିହ୍ନଟ, ୩ ମୃତ

ଭଦ୍ରକ,୧୨/୦୬ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୨୨୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଉ ୩ ଜଣଙ୍କ ମୃତ୍ୟୁ ହୋଇଛି। ଏବେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯ ହଜାର ୫୪୦ ହୋଇଥିବା ବେଳେ ସୁସ୍ଥ ହୋଇଛନ୍ତି ୧୬ ହଜାର ୭୧୦ ଜଣ। ସକ୍ରିୟ ଆକ୍ରାନ୍ତ ୨୭୯୩ ଥିବା ବେଳେ ଆଉ ୩ ଜଣଙ୍କ ମୃତ୍ୟୁ ପରେ ମୋଟ ମୃତକଙ୍କ ସଂଖ୍ୟା ୩୪ରୁ ବୃଦ୍ଧି ପାଇ ୩୭ ହୋଇଛି। ବାସୁଦେବପୁର ପୌରପାଳିକାର ୧୭ ନଂ, ୬ ନଂ, ୫ ନଂ, ୮ନଂ, ୯ନଂ ଓ ୧୬ ନଂ ୱାର୍ଡରୁ ମୋଟ ୧୧ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଭଦ୍ରକ ପୌରପାଳିକାର ନୂଆବଜାର, ଅସ୍ତଳ, ଅପର୍ତ୍ତିବିନ୍ଧା, କୁଆଁସ, ବରାଳପୋଖରୀ, ପୁରୁଣାବଜାର, ଚରମ୍ପା, ବାଗୁରାଇରୁ ମୋଟ ୧୭ଜଣ, ଭଣ୍ଡାରିପୋଖରୀ ବ୍ଲକର ମଡିଆଳୀ, ନେରଡା, ରାଜେନ୍ଦ୍ରପୁର, ରହଣିଆ ଓ ବୟାଁବନାପୁର ଗ୍ରାମରୁ ୮ଜଣ, ଭଦ୍ରକ ବ୍ଲକର ଅର୍ଣ୍ଣପାଳ, ବାଣିତିଆ, ବାଉଦପୁର, ଚରମ୍ପା, ନଳାଙ୍ଗ, କାଉପୁର, ଗୋବିନ୍ଦପୁର, ଆଟୋ, ସାବରଙ୍ଗ, ବନ୍ଧଗାଁ, ହରିପୁର, ବଣିଆ ଗ୍ରାମରୁ ୨୭ଜଣ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ବ୍ଲକର ଭାଟପଡା, ନଳଗୋହିରା, ତୋଟାପଡା, ଜଳେଶ୍ୱରପୁର, ଯଶିପୁର, କରଞ୍ଜମାଳ, ପଞ୍ଚୁଟିକ୍ରି ଗ୍ରାମରୁ ୧୧ଜଣ, ଧାମନଗର ବ୍ଲକର ଅସୁରାଳି, ଖଡିପଦା, କୋଠାର, ଦୋବଲ, ରାଧାବଲ୍ଲଭପୁର ଗ୍ରାମରୁ ମୋଟ ୬ଜଣ ଚିହ୍ନଟ ହୋଇଛନ୍ତି। ତିହିଡ଼ି ବ୍ଲକର ସୟା, ମୁକୁନ୍ଦପୁର, ଗୋବିନ୍ଦପୁର, ବିଲଣା, ଦୋଳସାହି, ଫତେପୁର, ହରସିଂହପୁର, କୁବେରା, ମହରମପୁର, ତାଳପଦା, ପାଳିଆବିନ୍ଧାରୁ ଗ୍ରାମରୁ ୨୩ଜଣ, ଧମାନଗର ଏନ୍‌ଏସିର ୪ନଂ ୱାର୍ଡ, ୨ନଂ ୱାର୍ଡ, ୩ ନଂ ୱାର୍ଡ ଓ ୧୧ନଂ ୱାର୍ଡରୁ ୭ଜଣ ଚିହ୍ନଟ ହୋଇଛନ୍ତି। ବନ୍ତ ବ୍ଲକର ନରିପୁର, ବସନ୍ତିଆ, ନିଲୋକ, ପୁରୁଷଣ୍ଡ, ରାମପୁର, ତୋଡଙ୍ଗା, ଆଡିଆ, ବ୍ରହ୍ମପୁର, ଓଡଙ୍ଗ, ରାମକୃଷ୍ଣପୁର ଓ ଷେଣ୍ଢତୀରା ଗ୍ରାମରୁ ୩୦ଜଣ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ବ୍ଲକର ନୂଆଗାଁ, ବିରସ, ନରସିଂହପୁର, ମାଖଲସାହି, ଅରଣ୍ଡୁଆ, ଆର୍ତ୍ତୁଂ, ବାଲିମେଦ, ବରଣ୍ଡୁଆ, ବିଦେଇପୁର, ଇରମ ଓ ସୁଗୋ ଗ୍ରାମରୁ ୨୨ଜଣ, ଚାନ୍ଦବାଲି ଏନ୍‌ଏସିର ୭ନଂ ୱାର୍ଡ, ୫ନଂ ୱାର୍ଡ ଓ ୪ ନଂ ୱାର୍ଡରୁ ମୋଟ ୪ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲାର ୧୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ୪୪ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି।

ପ୍ରଫେସର ରାଧାମୋହନଙ୍କ ନିମନ୍ତେ ସ୍ମୃତିସଭା

ଭୁବନେଶ୍ୱର,୧୨/୦୬ (ନି.ପ୍ର): ପ୍ରଫେସର ରାଧାମୋହନଙ୍କ ଜୀବନଶୈଳୀ ସରଳ ଗ୍ରାମ୍ୟଚଳଣି ଓ ନିରୋଳା ପ୍ରାକୃତିକ ପରିବେଶର ନିଛକ ପ୍ରତିବିମ୍ବ ଥିଲା। ମଣିଷକୁ ପ୍ରକୃତି କୋଳକୁ ଫେରାଇ ଆଣିବାକୁ ତାଙ୍କର ଜୀବନ ଥିଲା ସାଲିସ୍ ବିହୀନ ସଂଗ୍ରାମ। ତାଙ୍କର ମହାନ୍ ଆଦର୍ଶର କାର୍ଯ୍ୟାନ୍ୱୟନ ହିଁ ତାଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ପ୍ରଫେସର ରାଧାମୋହନଙ୍କ ସ୍ମୃତିରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କେ-୬, କଳିଙ୍ଗବିହାରର ଅଧିବାସୀମାନେ ୱେବ୍ ମାଧ୍ୟମରେ ଅଂଶଗ୍ରହଣ କରି ସେ ମହାନ୍ ଆତ୍ମାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ମୁନିଗୁଡାରେ ତୈଳ ଦର ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜିଲେ କଂଗ୍ରେସ ଦଳ

ରାୟଗଡ,୧୨/୦୬ (ନି.ପ୍ର): ରାୟଗଡ଼ ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡ଼ାଠାରେ କଂଗ୍ରେସ ଦଳ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା । ଦେଶରେ ଅଳ୍ପଦିନରେ ବାରମ୍ବାର ଅହେତୁକ ପେଟ୍ରୋଲ ଓ ଡିଜେଲ ଆକାଶଛୁଆଁ ଦରବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କର ନିତ୍ୟବ୍ୟବହାର ଜିନିଷ ପତ୍ର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମାଜରେ ଜଣେ ଗରିବ ବର୍ତମାନ ବଞ୍ଚିବା କଷ୍ଟକର ବ୍ୟାପାର ହୋଇଛି। ଜନତାଙ୍କ ସ୍ୱାର୍ଥ ପାଇଁ ରାଜ୍ୟ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନରେ ଆଜି ମୁନିଗୁଡା ବ୍ଲକ କଙ୍ଗ୍ରେସ ସଭାପତିଶ୍ରୀ ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ କିଛି କଙ୍ଗ୍ରେସ କର୍ମୀ ମାନେ ମୁନିଗୁଡା ସଦରମହକୁମା ଆଇବିପି ପେଟ୍ରୋଲ ପମ୍ପ, ଭାରତ ପେଟ୍ରୋଲ ପମ୍ପ, ମୁନିଖୋଲ ଓ ଇଣ୍ଡିଆନ ପେଟ୍ରୋଲ ପମ୍ପ ଗୋବର୍ଦ୍ଧନ ଛକ ଠାରେ ଏହି ଦର ବୃଦ୍ଧି ନେଇ ଭାଜପା ସରକାରଙ୍କ ଉପରେ ଗର୍ଜିବା ସହ ବ୍ୟାନର ଧରି ପ୍ରତିବାଦ କରି ଥିଲେ।

ସେବାଭାରତୀ ପକ୍ଷରୁ ସେବାୟତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ରାୟଗଡ,୧୨/୦୬ (ନି.ପ୍ର): ରାୟଗଡ ଜିଲ୍ଲା ସେବା ଭାରତୀ ଶାଖା ତରଫରୁ ସେବା କାର୍ଯ୍ୟ ଜାରୀ ରହିଛି। ରାୟଗଡ ସହରର ସମସ୍ତ ଛୋଟ ବଡ ମନ୍ଦିର ଗୁଡିକ କରୋନା ଯୋଗୁଁ ପ୍ରଶାସନ ପକ୍ଷରୁ ବନ୍ଦ କରିଦିଆଯାଇଛି । ଏହି କାରଣରୁ ମନ୍ଦିରର ସେବକ ପୂଜକ ଦୁର୍ଦିନରେ କାଳ କାଟୁଛନ୍ତି। ଏପରିକି ଖାଇବା ପାଇଁ କଷ୍ଟର ଶିକାର ହେଉଥିବା ଜାଣି ସେବା ଭାରତୀ ଆନୁକୁଲ୍ୟରେ ସଦର ମହକୁମାର ପ୍ରାୟ ୨୧ଟି ମନ୍ଦିର ସେବାୟତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। କରୋନା ମହାମାରୀ ଭୟରେ ସବୁ ମନ୍ଦିର ଓ ଦେବ ସଂସ୍ଥାନ ଗୁଡ଼ିକ ବନ୍ଦ କରିବାକୁ ପ୍ରଶାସନ ତାଗିଦ କରିଥିବା ବେଳେ ଭକ୍ତ ମାନେବି ଦେବ ଦର୍ଶନକୁ ଆସିବା ବନ୍ଦକରି ଦେଇଥିବା ଯୋଗୁଁ ଏବଂ ମନ୍ଦିର କମିଟି ପକ୍ଷରୁ ସେବାୟତଙ୍କ ପାଇଁ ଯେଉଁ ସହଯୋଗ ରାଶି ଦିଆଯାଉଛି ତାହା ସମୁଦ୍ରକୁ ସଂଖେ ସଦୃଶ ହେଉଥୁବା ପରିଲକ୍ଷିତ କରି ଏହି ସହଯୋଗ କରାଯାଇଛି । ଗତ ବର୍ଷଠାରୁ ସମସ୍ୟାରେ ବଞ୍ଚି ରହିଥିବା ପୂଜକଙ୍କୁ ସାନ୍ତ୍ୱନା ଦେଲାଭଳି ଶୁଖିଲା ଖାଦ୍ୟ ପକେଟ, ତା ମଧ୍ୟରେ ଚାଉଳ ଦଶ କିଲୋ, ଡାଲି ଏକ କିଲୋ, ଚୁଡା ଏକ କିଲୋ, ଚିନି, ତେଲ ଲୁଣ ଆଳୁ ଇତ୍ୟାଦି ଯୋଗୀ ଶ୍ରୀ ଚୈତନ୍ୟ ରାମଙ୍କ ମାର୍ଗ ଦର୍ଶନରେ ଦିଆଯାଇଛି । ଏହି ମହତ କାର୍ଯ୍ୟରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି ରାଜେନ୍ଦ୍ର ସାହୁ, ପଶ୍ଚିମ ଓଡିଶା ସେବା ପ୍ରମୁଖ ଦ୍ୱିପକ ଭାଇ, ଶ୍ୟାମ ଦାସ, ଜଗଦୀଶ ସୁନାରୀ, ମୁରଲୀ ଭାଇ ଓ ଅନ୍ୟ ସମାଜ ସେବୀମାନେ ଯୋଗ ଦେଇଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଏମ୍‌ପିରେ କୋଭିଡ୍ ହସ୍ପିଟାଲର ....

ସମୟରେ ସ୍ୟାସ୍ଥ୍ୟ ସେବାକୁ ପ୍ରାଥମିକତା ଦେବାକୁ ଯାଇ ମଧ୍ୟପ୍ରଦେଶ ସରକାର କ୍ରାଇସିସ୍ ମ୍ୟାନେଜମେଂଟ୍ ଗଠନ କରି ଦେଶ ପାଇଁ ଏକ ମଡ଼େଲ ତିଆରି କରିଛନ୍ତି। ଏହି ମ୍ୟାନେଜମେଂଟ୍ ଗଠନ କରାଯାଇ ସ୍ୱାସ୍ଥ୍ୟସେବାକୁ ଅଧିକ ପ୍ରାଥମିକତା ଦିଆଯାଇଛି। ଲୋକମାନଙ୍କ ଘର ବୁଲି ସେମାନଙ୍କୁ ଉପଯୁକ୍ତ ପରୀକ୍ଷା କରାଯାଇ ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଯାଇପାରୁଛି। ଫଳସ୍ୱରୂପ ମଧ୍ୟପ୍ରଦେଶର ୫୦ ଜିଲ୍ଲାରେ ସାପ୍ତାହିକ ପଜିଟିଭ ହାର ୧ ପ୍ରତିଶତରୁ କମ୍ ହୋଇପାରିଛି। ଦେଶ ସମ୍ମୁଖରେ ଏଭଳି ଏକ ମଡ଼େଲ ତିଆରି କରିଥିବାରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଏବଂ ତାଙ୍କ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ। ଦେଶରେ ଟିକାର ଅଭାବ ରହିବ ନାହିଁ ଏଥିପାଇଁ ଟିକା ପ୍ରସ୍ତୁତକାରୀ କମ୍ପାନୀର କ୍ଷମତା ଏବଂ ଉତ୍ପାଦନ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଜୁନ ଶେଷ ମାସ ସୁଦ୍ଧା ପ୍ରତିଦିନ ୧ କୋଟି ଟିକା ଉପଲବ୍ଧ ହେବାର ଆକଳନ କରାଯାଇଛି। କୌଣସି ରାଜ୍ୟରେ ଟିକାର ଅଭାବ ରହିବ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ପଥରରେ ଛେଚି ଛେଚି ....

ରକ୍ତର ଛିଟା ପଡିଥିବା ଦେଖିବାକୁ ମିଳିଛି । ତେବେ ହତ୍ୟାକାଣ୍ଡର କାରଣ ଜଣାପଡିନଥିବାବେଳେ ଏବେ ମାମଲାରେ ପୋଲିସ ଏବେ କ୍ୟାପିଟାଲ ହସ୍ପିଟାଲରେ ଜଣକୁ ଅଟକ ରଖିଛି । ମୃତ ଯୁବକଙ୍କ ପରିଚୟ ମିଳିପାରିନଥିବାବେଳେ, ମୃତ ଦେହର ବ୍ୟବଚ୍ଛେଦ ପାଇଁ ପଠାଇଛି ପୋଲିସ ।

ବ୍ଲାକ ଫଙ୍ଗସ୍ ଔଷଧ ଉପରେ ....

ବାହନ ଆଇଟମ୍ ଉପରେ ୨୮ ପ୍ରତିଶତ କର ଲାଗୁ ରହିଥିଲା । ମାତ୍ର କରୋନା ସଂକ୍ରମଣକୁ ନଜରରେ ରଖି ସରକାର ଏବେ ଏହା ଉପରେ ୨୮ ପ୍ରତିଶତ ବଦଳରେ ୧୨ ପ୍ରତିଶତ ଟ୍ୟାକ୍ସ ଲଗାଯାଇଛି । କିନ୍ତୁ ଏହା ସେପ୍ଟେମ୍ବର ମାସ ଯାଏ ଲାଗୁ ହେବ । କହିରଖୁ କି ଆଜି ଜିଏସଟି କାଉଁସିଲର ୪୪ ତମ ବୈଠକ ବସିଥିଲା । ଏହି ବୈଠକରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ରାଜ୍ୟମନ୍ତ୍ରୀ ଅନୁରାଗ ଠାକୁରଙ୍କ ସହ ଅର୍ଥମନ୍ତ୍ରଣାଳୟର ଅଧ

ବାଲେଶ୍ୱର ରବିବାର, ୧୩ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ବେଦାନ୍ତ ଆଲୁମିନାର ମନମୁଖୀ କାର୍ଯ୍ୟରେ ଶ୍ରମିକ ହନ୍ତସନ୍ତ

ରାୟଗଡ,୧୨/୦୬ (ନି.ପ୍ର): ବେଦାନ୍ତ ଆଲୁମିନା ଲିମିଟେଡ୍ କମ୍ପାନୀ ଦୀର୍ଘ ବର୍ଷ ହେଲା ମୁନିଗୁଡା ବ୍ଲକ ନିକଟରେ କଳାହାଣ୍ଡିର ଲାଞ୍ଜିଗଡ଼ ଠାରେ ନିର୍ମାଣ କରାଯାଇଛି ସତ, କିନ୍ତୁ ପୂର୍ବରୁ ନିୟମ ଗିରି ପର୍ବତକୁ ନିଜ ଆୟତକୁ ଆଣିବା ନିମନ୍ତେ ବହୁ ପ୍ରୟାସ କରି ମଧ୍ୟ ବିଫଳ ହେବାକୁ ଲାଗିଛି । ବେଦାନ୍ତ ଆଲୁମିନା କମ୍ପାନୀ ଆଜି ପର୍ଯ୍ୟନ୍ତ ନିକଟବର୍ତ୍ତୀ ଅଞ୍ଚଳରେ ସାଧାରଣ ଲୋକଙ୍କ ପାଇଁ କୌଣସି ଜନହିତକର କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେଉନଥିବା ସାଧାରଣରେ ବହୁବାର ଦାବୀ ହୋଇଛି। ସାଧାରଣରେ ଲୋକେ କୁହନ୍ତି ଏହି କମ୍ପାନୀଟି କୌଣସି ପ୍ରକାର ଜନ ହିତ ରେ ଲାଗୁ ହେଉନି । ବହୁବାର ଏଇ ଅଂଚଳର ସାଧାରଣ ଲୋକଙ୍କୁ କୌଣସି ପ୍ରକାର ସୁବିଧା ସୁଯୋଗ ଯୋଗେଇ ପାରିନି । ତାଛଡା ବେଦାନ୍ତ ଭିତରେ ଅନେକ ସବ କମ୍ପାନୀ ଗୁଡିକ ରହିଥିବା ବେଳେ ଅନେକ ଶ୍ରମିକ ଗୁଜୁରାଣ ମେଂଟେଇବା ନିମନ୍ତେ କାର୍ଯ୍ୟ କରି ନିଜ ଓ ନିଜର ପରିବାରର ପେଟ ପୋଷୁଛନ୍ତି । ହେଲେ ଏବେ କମ୍ପାନୀ ଅଧିନସ୍ତ ପ୍ରେସେସନ ଇଂଜିନିୟର ଲିମିଟେଡ୍‌ର ମନମୁଖୀ ଶାସନରେ ଅତିଷ୍ଠ ହୋଇ କିଛି ଶ୍ରମିକ କିଛି ଦାବୀ ନେଇ ଗତ ମାସରୁ କମ୍ପାନୀ ବାହାରେ ବସିଛନ୍ତି । ସେମାନଙ୍କୁ ଛିନଭିନ କରି ଅଯଥାରେ ଭୁଆଁ ବୁଲେଇ କାମରୁ ଛଟେଇ କରି ଶ୍ରମିକ ମାରଣା ନୀତି ଆପଣେଇଛନ୍ତି । ବେଦାନ୍ତ କମ୍ପାନୀର ପିଆର ଓ ଗୋଟେ ପ୍ରକାର କଥା କହୁଥିବା ବେଳେ ପ୍ରେସେସନ କମ୍ପାନୀ ଶ୍ରମିକମାନଙ୍କୁ ସେମାନଙ୍କ ସାଧାରଣ ସୁବିଧା ନ ଦେଇ, ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି । ଶ୍ରମିକ ମାରଣା ନୀତି ରେ ଅତିଷ୍ଠ ହୋଇ ଦୀର୍ଘ ଦିନ ହେଲା ନିଜର ପ୍ରାପ୍ୟ ପାଇଁ ଶ୍ରମିକ ମାନେ ନିରବ ଭାବେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି । ପ୍ରକାଶ ଥାଉ କି କମ୍ପାନୀ ରେ ଅନେକ କାର୍ଯ୍ୟ ଆଇନ ବିରୁଦ୍ଧରେ ହେଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆ ଯାଉନି । ଗତ ଦିନ ଲାଞ୍ଜିଗଡ଼ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ଆଗରେ ପ୍ରେସେସନ କମ୍ପାନୀ ଶ୍ରମିକ ମାନଙ୍କୁ ସେମାନଙ୍କ ଏଲାଉନ୍ସ ଦେବାକୁ ଲିଖିତ ଆକାରେ ଦେଇଥିବା ବେଳେ ଏ ଜାବତ କୌଣସି ଏଲାଉନ୍ସ ଦେଇନାହିଁ । କିନ୍ତୁ ପ୍ରେସେସନ କମ୍ପାନୀ ମୁଖ୍ୟ ସୁଶାନ୍ତ ଶତପଥୀ ଙ୍କ ଏକ ଛତ୍ରବାଦ ନୀତି ଯୋଗୁଁ ଶ୍ରମିକ ଅଶାନ୍ତି ଦେଖିବାକୁ ମିଳୁଛି । ଏ ସଂକ୍ରାନ୍ତରେ ହସ୍ତକ୍ଷେପ କରି ଆମେ ବୁଝିବା ପରେ ଆମ ଆଗରେ ହଁ ଓ ଶ୍ରମିକ ଆଗରେ ନାଁ କରି ସମୟର ଅଯଥା ନଷ୍ଟ କରୁଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା କିନ୍ନର ମହାସଂଘ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ପ୍ରଥମ କରି କିନ୍ନରମାନଙ୍କ ପାଇଁ ଓଡ଼ଶା ପୋଲିସ୍‌ରେ କନେଷ୍ଟବଳ ଓ ସବ୍ ଇନ୍‌ସପେକ୍ଟର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯାହାକି ଓଡ଼ିଶା କିନ୍ନର ଓ ତୃତୀୟଲିଙ୍ଗି ମହାସଂଘର ବହୁଦିନର ଦାବି ଆଜି କିଛି ମାତ୍ରାରେ ପୂରଣ ହୋଇଛି। ଯାହାଫଳରେ ଓଡ଼ିଶାରେ ଥିବା କିନ୍ନରମାନେ ପୋଲିସ୍ ବିଭାଗରେ ନିଯୁକ୍ତି ପାଇବା ପାଇଁ ସୁଯୋଗ ପାଇପାରିବେ। ଖାଲି ସେତିକି ନୁହେଁ, ଆଗରୁ ମଧ୍ୟ ଜେଲ୍ ବିଭାଗରେ କିନ୍ନର ମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି ଜେଲ୍ ମାନୁଆରେ ପ୍ରକାଶ ପାଇଥିଲା। ଏବେ ରାଜ୍ୟ ସରକାର କିନ୍ନରମାନଙ୍କ ପାଇଁ ଆଉ ଏକ ପାଦ ଆଗକୁ ବଢିଛନ୍ତି। ମହାସଂଘର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଡ଼ିଜିପିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୋଲିସ୍ ବିଭାଗରେ ନିଯୁକ୍ତି ପାଇବାକୁ ଥିବା କିନ୍ନରମାନଙ୍କ ପାଇଁ ଶାରୀରିକ ପରୀକ୍ଷା ଓ ଶିକ୍ଷାଗତ ଯୋଗ୍ୟତା ଦୃଷ୍ଟିରୁ କୋହଳ କରିବାକୁ ସେ ଅନୁରୋଧ କରିଛନ୍ତି।

ଦିନକରେ ୩୬୪ ନୂଆ ସଂକ୍ରମିତ ଚିହ୍ନଟ ଓ ସୁସ୍ଥ ହେଲେ ୨୩୭

ବାଲେଶ୍ୱର,୧୨/୦୬ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ୩୬୪ ଜଣ କରୋନା ସଂକ୍ରମିତ ରହିଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ସହରର ଗୋପାଳଗାଁରୁ ୩ଜଣ, ପୁରୁଣା ବାଲେଶ୍ୱରରୁ ୩, ଅଙ୍ଗାରଗଡ଼ିଆରୁ ୨, ଆଜିମାବାଦରୁ ୨, ବାରବାଟୀରୁ ୨, ଦର୍ଜିପୋଖରୀରୁ ୨, ମୋତିଗଞ୍ଜରୁ ୨, ରାଣୀପାଟଣାରୁ ୨, ସତ୍ୟନଗରରୁ ୨, ସୁଏଲପୁରରୁ ୨ ଓ ସୁନହଟରୁ ୨ଜଣଙ୍କ ସମେତ ଫକୀରମୋହନ ଗୋଲେଇ, ଗୁଡ଼ିପଦା, ହେମକାପଦା, ମଲିକାଶପୁର, ନେଳିଆବାଗ, ପୁଲିସଲାଇନ, ସହଦେବଖଣ୍ଡା ପ୍ରଭୃତି ଅଂଚଳରୁ ଜଣେ ଲେଖାଏଁ ଅଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୧୦୦ଜଣ, ବାଲିଆପାଳରୁ ୧୪ଜଣ, ବସ୍ତାରୁ ୩୦, ଭୋଗରାଇରୁ ୪୪, ଜଳେଶ୍ୱରରୁ ୩, ନୀଳଗିରିରୁ ୩୫, ଔପଦାରୁ ୬, ରେମୁଣାରୁ ୧୭, ସଦର ବ୍ଲକରୁ ୨୭, ସିମୁଳିଆରୁ ୨୨ ଓ ସୋର ବ୍ଲକରୁ ୩୬ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତରେ ସଂସ୍ପର୍ଶରେ ଆସିଥିବା କୁହାଯାଇଛି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୮,୬୩୫ରେ ପହଞ୍ଚିଥିବା ବେଳେ ଦିନକରେ ୨୩୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ୨୫,୧୪୭ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି। ସକ୍ରିୟ ଥିବା ୩,୩୬୭ ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୩୧୮୩ଜଣ ଗୃହ ସଙ୍ଗରୋଧରେ ଏବଂ ୧୮୪ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ୩୫ ଓ ୭୩ ବର୍ଷର ଦୁଇ ଜଣ ପୁରୁଷ ଓ ୭୧ ବର୍ଷର ଜଣେ ମହିଳା କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଛି। ଅଦ୍ୟାବଧି ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୨୧ରେ ପହଞ୍ଚିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ବାଲେଶ୍ୱର ସହରରେ ୧୮ ରୁ ୪୪ ବର୍ଷ ବର୍ଗର ପ୍ରଥମ ପର୍ଯ୍ୟାୟ ଟିକାକରଣ ଆଜି ଶେଷ ହୋଇଛି। ଆଜି ୨୯୨୪ଙ୍କୁ ମିଶାଇ ପ୍ରଥମ ପର୍ଯ୍ୟାୟର ୪ ଦିନରେ ମୋଟ ୧୧,୯୨୪ ଜଣ ପ୍ରଥମ ପାନ ଟିକା ନେଇଛନ୍ତି।

ବାଲେଶ୍ୱର ରୋଟାରୀ କ୍ଲବ୍ ତରଫରୁ କୋଭିଡ୍ ଚିକିତ୍ସା ପ୍ରତି ସହାୟତା

ବାଲେଶ୍ୱର,୧୨/୦୬ (ନି.ପ୍ର): ଆଜି ପୂର୍ବାହ୍ନ ୧୦ ଘଟିବା ସମୟରେ ମହାମାରୀ କୋଭିଡ୍ ଚିକିତ୍ସାର ସହାୟତା ପାଇଁ ବାଲେଶ୍ୱର ଜିଲ୍ଲା ସଦର ମହକୁମା ଚିକିତ୍ସା ଅଧିକାରୀ ଡାକ୍ତର ଦୁଲାଲ ସେନ ଜଗଦେବଙ୍କୁ ବାଲେଶ୍ୱର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ରୋଟାରୀ କ୍ଲବ ତରଫରୁ ଏକ ଅକ୍ସିଜେନ୍ କନସେଣ୍ଟ୍ରେଟର, ୨୪ଟା ଅକ୍ସିମିଟର ଓ ୧୦୫ ଲିଟର ସାନିଟାଇଜର ପ୍ରଦାନ କରାଗଲା । ଏହି ଉପଲକ୍ଷେ ବାଲେଶ୍ୱର ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ୍ ଭାବଗ୍ରାହୀ ମହାନ୍ତି, ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଚେୟାରମେନ୍ ରାଜଲକ୍ଷ୍ମୀ ଜତି, ଯୁଗ୍ମ ସଂପାଦକ ସୁଖମୟ ଦାସ, ରୋଟାରୀଆନ୍ ଯଶୋଦାନନ୍ଦ ଆଶ ଏବଂ ଆସନ୍ତା ବର୍ଷର ରୋଟାରୀ ଗଭର୍ଣ୍ଣରଙ୍କ ମୁଖ୍ୟ ଉପଦେଷ୍ଟା ବରିଷ୍ଠ ରୋଟାରିଆନ୍ ସୁବ୍ରତ କର ମଧ୍ୟ ଏହି ଅକ୍ସିମିଟର ମାଧ୍ୟମରେ ବିଭିନ୍ନ ଅଞ୍ଚଳରେ ଲୋକମାନଙ୍କର ଦେହରେ ଅକ୍ସିଜେନ୍ ମାତ୍ରା ମାପିବା ସହିତ ଏହାର ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରୋଟାରୀ କ୍ଲବର ମହତ୍ ଦାନକୁ ସ୍ୱାଗତ କରିବା ସହିତ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୋନାର ସଂପାଦିକା ମମତା ମହାପାତ୍ର ଏବଂ ଡାକ୍ତର ଗିରୀଶ ଚନ୍ଦ୍ର ମହାନ୍ତି ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ । ଭବିଷ୍ୟତରେ ରୋଟାରୀ କ୍ଲବର ଏ ପ୍ରକାର ସହାୟତା ଜାରି ରହିବ ବୋଲି ରୋଟାରୀ କ୍ଲବ ସଭାପତି ଜଣାଇଥିଲେ ।

ରିଲିଫ ପାଇଁ ସଦର ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

ବାଲେଶ୍ୱର,୧୨/୦୬ (ନି.ପ୍ର): ୟସ ବାତ୍ୟା ପ୍ରପୀଡ଼ିତ ଗୋପୀନାଥପୁର ପଞ୍ଚାୟତର ଗୋବିନ୍ଦପୁରବାସୀ ସହାୟତା ପାଇଁ ସଦର ତହସିଲଦାରଙ୍କୁ ଗୁହାରୀ କରିଛନ୍ତି। ସଦର ନିର୍ବାଚନମଣ୍ଡଳୀ ନେତ୍ରୀ ମମତା କୁଣ୍ଡୁ ଓ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦିଙ୍କ ନେତୃତ୍ୱରେ ଗୋବିନ୍ଦପୁର ଗ୍ରାମର ଲୋକେ ସଦର ତହସିଲଦାର ଅନାମିକା ସିଂଙ୍କୁ ସାକ୍ଷାତ କରିଥିଲେ। ବାତ୍ୟାରେ ଗୋବିନ୍ଦପୁର ଗ୍ରାମରେ ଲୁଣାପାଣି ବନ୍ୟା ଯୋଗୁଁ ଏବେ ସୁଦ୍ଧା ଲୋକଙ୍କ ଘରେ ଚୁଲି ଜଳିନଥିବା ବେଳେ ସେମାନଙ୍କୁ ରିଲିଫ ନିହାତି ଦରକାର ବୋଲି ଶ୍ରୀମତୀ କୁଣ୍ଡୁ କହିଥିଲେ। ବିଶେଷ କରି ଲୁଣାପାଣିରେ ଚାଷ ନଷ୍ଟ ହୋଇଥିବା ବେଳେ ଗଡ଼ିଆ ପୋଖରୀରେ ମଧ୍ୟ ଲୁଣିପାଣି ପଶିଯାଇଛି। ଏବେ ଲୋକେ ପାନୀୟ ଜଳ ନପାଇ ବହୁ କଷ୍ଟରେ ଚଳୁଛନ୍ତି। ଅନ୍ୟାନ୍ୟ ଅଞ୍ଚଳରେ ରିଲିଫ ପ୍ରଦାନ କରାଯାଉଥିବା ବେଳେ ଏହି ଅଞ୍ଚଳକୁ ବାଦ ପକାଯାଇଥିବା ଗ୍ରାମବାସୀମାନେ କହିଛନ୍ତି। ତୁରନ୍ତ ରିଲିଫ ସାମଗ୍ରୀ ଓ ପଲିଥିନ ପ୍ରଦାନ ପାଇଁ ସେମାନେ ତହସିଲଦାରଙ୍କୁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ତହସିଲଦାର ଶ୍ରୀମତୀ ସିଂଙ୍କୁ ପ୍ରଦାନ କରାଯାଇଛି।

କମଳା ନେହେରୁ କଲେଜରେ ଓଡ଼ିଆ ବିଭାଗର ପାଠଚକ୍ର

ଭୁବନେଶ୍ୱର,୧୨/୦୬ (ନି.ପ୍ର): କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ଏକ ପାଠଚକ୍ର ଶିବିର ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି ପାଠଚକ୍ରରେ ଅଧ୍ୟକ୍ଷ ମହାଶୟ ପଞ୍ଚସଖାଙ୍କ ବିଭିନ୍ନ ମତବାଦକୁ ସମ୍ମାନ ଜଣାଇ ଓଡ଼ିଶାର ଉତ୍କଳୀୟ ବୈଷ୍ଣବଧର୍ମରେ କିଛି ସ୍ୱତନ୍ତ୍ରତା ଓ ନୂତନତା ପରିଲକ୍ଷିତ ଦର୍ଶାଇଥିଲେ । ସମ୍ମାନିତ ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ଡଃ ରଜନୀ ରଂଜନ ଦାଶ ଯୋଗଦେଇ 'ଓଡ଼ିଆ ପଞ୍ଚସଖା ସାହିତ୍ୟ : ମାଳିକା' ସଂପର୍କରେ ବହୁ ଧର୍ମତତ୍ତ୍ୱ ଆଲୋଚନା କରିଥିଲେ । ବିଭାଗୀୟ ମୁଖ ମାଳିକାରେ ଥିବା ଭବିଷ୍ୟତର ବହୁବାର୍ତ୍ତା ପ୍ରଦାନ କରିଥିଲେ । ଆଲୋଚନାରେ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଡଃ ଶାଶ୍ୱତୀ ସୌମ୍ୟା ସାହୁ, ପରିଚାଳନା କରିଥିଲେ ଡଃ ଗୀତାଞ୍ଜଳୀ ପଲେଇ, ବେଦପାଠ କରିଥିଲେ +୩ର ଛାତ୍ରୀ ଅନସୂୟା ପଣ୍ଡା, ପ୍ରଦୀପ ପ୍ରଜ୍ୱଳନ କରି ଡଃ ସନ୍ତୋଷିନୀ ମହାନ୍ତି କାର୍ଯ୍ୟର ଶୁଭାରମ୍ଭ କରିଥିଲେ ଓ ଧନ୍ୟବାଦ ଅର୍ପଣ କରି ଡଃ ଗୀତାଞ୍ଜଳୀ ମିଶ୍ର ପାଠଚକ୍ରକୁ ସମାପନ କରିଥିଲେ । ଏଥିରେ ଯୋଗଦେଇଥିଲେ କଲେଜର ଅଧ୍ୟାପକ, ଅଧ୍ୟାପିକା ଓ ଓଡ଼ିଆ ବିଭାଗର +୩ର ଅନର୍ସ ଛାତ୍ରୀ ଏବଂ ସ୍ନାତକୋତ୍ତର ଛାତ୍ରୀ ।

ଫେସ୍‌ବୁକ୍ ଏକାଉଣ୍ଟ ହେକ୍ କର ୨୦ହଜାର ଲୁଟ

ଜଳେଶ୍ୱର,୧୨/୬ (ନି.ପ୍ର) : ବିଜ୍ଞାନ ଯେତେ ଆଗଉଛି, କିଛି ବେକାର ଶିକ୍ଷିତ ଯୁବକମାନେ ଏହାର ଦୂରୋପଯୋଗ ସେତେ କରୁଛନ୍ତି । ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ଜ୍ଞାନରଂଜନ ନାୟକ ନାମକ ଜଣେ ଯୁବ ବ୍ୟବସାୟୀଙ୍କ ନାମରେ ଫେକ୍ ଫେସ୍‌ବୁକ୍ ଏକାଉଣ୍ଟ ସୃଷ୍ଟି କରି ୨୦ହଜାର ଟଙ୍କା ଲୁଟ କରାଯାଇଛି । ଶ୍ରୀ ନାୟକ ମେଡିକାଲରେ ଅଛନ୍ତି ଏବଂ ତାଙ୍କର ତୁରନ୍ତ ଟଙ୍କା ଆବଶ୍ୟକ ବୋଲି ଉକ୍ତ ଫେକ୍ ଫେସ୍‌ବୁକ୍‌ରେ ସମସ୍ତ ଫ୍ରେଣ୍ଡ ମାନଙ୍କୁ ନିବେଦନ କରାଯାଇଥିଲା । ଏହି ଖବର ପାଇ ସାଉଟିଆ ଗ୍ରାମର ସୁକମଲ ମାଇତି ସେହି ଫେସ୍‌ବୁକ୍ ଆକାଉଣ୍ଟରେ ୨୦ହଜାର ଟଙ୍କା ପଠାଇଥିଲେ । ଏହାପରେ ଓଲମରା ହାଇସ୍କୁଲର ଶିକ୍ଷକ ଏ ସଂପର୍କରେ ଜାଣି ଶ୍ରୀ ନାୟକଙ୍କୁ ଫୋନ୍‌ଯୋଗେ ଯୋଗୋଯୋଗ କଲାପରେ ପ୍ରକୃତ ଘଟଣା ଜଣାପଡିଥିଲା । ଆଜି ଶନିବାର ଏ ସମ୍ପର୍କରେ ଜଳେଶ୍ୱର ଥାନାରେ ଏକ ମାମଲା ରୁଜୁ କରାଯାଇଛି । ଘଟଣା ପ୍ରଚାରିତ ହେବାପରେ ଏଭଳି ସାଇବର ଠକଙ୍କ ସମ୍ପର୍କରେ ସାବଧାନ ହେବାକୁ ସାଧାରଣରେ ଆଲୋଚନା ହେଉଛି ।

ବିପଦ ଜନକଭାବେ ନଦୀରେ ବାଲି ଛାଣୁଥିବା ବେଳେ ଯୁବକର ପାଣିରେ ବୁଡି ମୃତ୍ୟୁ

ଜଳେଶ୍ୱର,୧୨/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ଥାନା ଅନ୍ତର୍ଗତ କୁଅଁରପୁର ନିକଟରେ ସୁବର୍ଣ୍ଣରେଖା ନଦୀରୁ ନୌକା ସାହାଯ୍ୟରେ ବାଲି ଛାଣୁଥିବା ବେଳେ ଜଣେ ଯୁବକ ପାଣିରେ ବୁଡି ମୃତ୍ୟୁବରଣ କରିଛି। ଭସରାଘାଟ ନିକଟ ଆୟସାହି ଗାଁର ସୋନା(୨୫) ନାମକ ଯୁବକ ମାମୁଁଘର ଗୋପାଳପ୍ରସାଦ ଗାଁରେ ରହିଆସୁଥିଲା । ସେ ଆଜି ସକାଳେ ନଦୀକୁ ବାଲି ଛାଣିବାକୁ ଅନ୍ୟମାନଙ୍କ ସହିତ ଯାଇଥିବା ବେଳେ ତାକୁ ନ ପାଇ ଖୋଜାଖୋଜି କରିଥିଲେ । ପରେ ମୃତ ଅବସ୍ଥାରେ ପାଣି ଭିତରୁ ଉଦ୍ଧାର କରାଯାଇଛି । ଏପରି ଘଟଣାରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ବିପଦପୂର୍ଣ୍ଣ ଅବସ୍ଥାରେ ବାଲିଛାଣୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ହେଉଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ ହେଉଛି ।

ଗ୍ରାଜୁଆଲ ଅନଲକ୍ ଆମ ପାଇଁ ଭଲ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା କମୁଛି। ଗ୍ରାଜୁଆଲ ଅନଲକ୍ ଆମ ପାଇଁ ଭଲ। ୫% ରୁ କମ୍ ସଂକ୍ରମଣ ଥିବା ଜିଲ୍ଲାରେ କଟକଣା କୋହଳ ହେବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି, ଅନ୍ୟ ରାଜ୍ୟମାନେ ଏହି ପନ୍ଥା ଅବଲମ୍ବନ କରିଛନ୍ତି। କିଛି କଟକଣା କୋହଳ ହେବ। କିଛି କଟକଣା ପୂର୍ବ ପରି ବଳବତର ରହିବ। ଅନଲକ୍ ପାଇଁ ସରକାର ସବୁ ଦିଗରୁ ବିଚାରବିମର୍ଶ କରି ନିଷ୍ପତି ନେଉଛନ୍ତି। ସମସ୍ତ ଜିଲ୍ଲା ଗୁଡ଼ିକୁ ତିନୋଟି ଜୋନରେ ବିଭକ୍ତ କରାଯାଇ ଆମେ ସ୍ଥିତି ଉପରେ ନଜର ରଖିଛୁ। ଜୁନ୍୧୭ ତାରିଖ ପରେ କ'ଣ ହେବ ସେ ନେଇ ଖୁବ୍ ଶୀଘ୍ର ବୈଠକରେ ନିଷ୍ପତି ନିଆଯିବ। କଟକ, ଅନୁଗୁଳ, ଖୋର୍ଦ୍ଧା, ଯାଜପୁର ଭଳି କିଛି ଜିଲ୍ଲାରେ ଏବେ ସଂକ୍ରମଣ ହାର କମୁଛି। ମୃତ୍ୟୁ ସଂଖ୍ୟା ବଢିବାର ଦୁଇଟି କାରଣ ରହିଛି।

କୋଭିଡ ଚିକିତ୍ସା ପାଇଁ ମୋନା ପକ୍ଷରୁ ଅକ୍ସିମିଟର ପ୍ରଦାନ

ବାଲେଶ୍ୱର,୧୨/୦୬ (ନି.ପ୍ର): ଜିଲାର କୋଭିଡ ପରିଚାଳନା କ୍ଷେତ୍ରରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ବିଭିନ୍ନ ମହଲରୁ ସହଯୋଗ କରାଯାଉଥିବା ବେଳେ ଏଥିରୁ ବାଦ ପଡ଼ିନି 'ମିଳିତ ନିଶା ନିବାରଣ ଅଭିଯାନ (ମୋନା)। ମୋନାର ବାଲେଶ୍ୱର ଶାଖା ପକ୍ଷରୁ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଶନିବାର ଅମ୍ଳଜାନ ମାପକ ଯନ୍ତ୍ର 'ପଲସ ଅକ୍ସିମିଟର' ପ୍ରଦାନ କରାଯାଇଛି। ମୋନାର କର୍ମକର୍ତ୍ତାମାନେ ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଳସେନ ଜଗଦ୍ଦେବଙ୍କୁ ଏହି ଅକ୍ସିମିଟର ପ୍ରଦାନ କରିଥିଲେ। ଏହି 'ପଲ୍ସ ଅକ୍ସିମିଟର' ପ୍ରଦାନ ବେଳେ 'ମୋନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁ, ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଡା. ଶ୍ରୀଶ କୁମାର ଦାଶ, ଡ. କେଶବ ଚରଣ ପଣ୍ଡା, ବସନ୍ତଲତା ପଟ୍ଟନାୟକ, ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, ଡ. ମାତୃଦତ୍ତ ଦାସ, ଅଞ୍ଜଳି ପଣ୍ଡାଙ୍କ ସମେତ ଜିଲା କୋଭିଡ ଚିକିତ୍ସାଳୟ ପରିଚାଳନା ମୁଖ୍ୟ ଡାକ୍ତର ଶୁଭଜିତ ଗିରି ଉପସ୍ଥିତ ଥିଲେ। ସମ୍ପ୍ରତି କୋଭିଡ ଚିକିତ୍ସାରେ ଅକ୍ସି ମିଟର ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ 'ମୋନା'ର ସାଧୁ ଉଦ୍ୟମକୁ ବେଶ ପ୍ରଶଂସନୀୟ ବୋଲି ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ଏହା ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

ଘରପୋଡି ପରିବାରକୁ ସହାୟତା ପ୍ରଦାନ

ଜଳେଶ୍ୱର,୧୨/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ